Bhubaneswar- 18 may 2026
ଭୁବନେଶ୍ୱର- ୧୮ ମେ' ୨୦୨୬
Vol- 1 Issue - 22
ଭାଗ- ୧ ସଂଖ୍ୟା- ୨୨
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

## ରାଜଧାନୀରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ



**ଭୁବନେଶ୍ୱର :** ଭୁବନେଶ୍ୱରରେ ପହଞ୍ଚିଲେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ, ଦଳୀୟ ସାଂଗଠନିକ କାର୍ଯ୍ୟରେ କରିବେ ସମୀକ୍ଷା, ବିଭିନ୍ନ ଗସ୍ତର ବି ରହିଛି କାର୍ଯ୍ୟକ୍ରମ । ରାଜଧାନୀରେ ପହଂଚିବା ପରେ ଭବ୍ୟ ସ୍ୱାଗତ । ଭୁବନେଶ୍ୱରରେ ପହଂଚିଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ । ସେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ରାଜଧାନୀରେ ପହଂଚିବା ପରେ ତାଙ୍କୁ ନିଜେ ମୁଖ୍ୟମନ୍ତ୍ରୀ ତାଙ୍କୁ ସ୍ୱାଗତ କରିଛନ୍ତତି । ଏହାସହ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ମନମୋହନ ସାମଲ ସମେତ କିଛି ମନ୍ତ୍ରୀ ଓ କିଛି ଆଗଧାଡ଼ିର ବିଜେପି ନେତା ତାଙ୍କୁ ସ୍ୱାଗତ କରିଛନ୍ତି । ସେ ଏହି ଦୁଇଦିନିଆ ଗସ୍ତ ସମୟରେ ଦଳୀୟ କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ସ୍ଥାନ ଗସ୍ତ କରିବେ । ତୃଣମୂଳସ୍ତରରେ ବିଜେପିକୁ ଦୃଢ କରିବା ଓ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳର ରଣନୀତି ଉପରେ ଫୋକସ କରିବା ଉପରେ ଗୁରୁତ୍ୱାରୋପ କରିବେ ବୋଲି ଅନୁମାନ କରାଯାଉଛି ।

## ପଶ୍ଚିମ ଏସିଆରେ ବଢ଼ିଲା ମହାଯୁଦ୍ଧ ଆଶଙ୍କା

# ହର୍ମୁଜ ପ୍ରଣାଳୀ ପାଇଁ ଇରାନର ନୂଆ ରଣନୀତି



**ନୂଆଦିଲ୍ଲୀ :** ପଶ୍ଚିମ ଏସିଆର ସ୍ଥିତି ଦିନକୁ ଦିନ ଅଧିକ ଜଟିଳ ହେବାରେ ଲାଗିଛି । ଆମେରିକାର ମଧ୍ୟସ୍ଥତାରେ ଇସ୍ରାଏଲ ଓ ଲେବାନନ ମଧ୍ୟରେ ଯୁଦ୍ଧବିରତି ଅବଧିକୁ ୪୫ ଦିନ ବୃଦ୍ଧି କରାଯାଇଥିଲେ ହେଁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଉଛି । ହିଜବୋଲ୍ଲାର ନିରନ୍ତର ଡ୍ରୋନ୍ ଓ ମୋର୍ଟାର ଆକ୍ରମଣର ଜବାବରେ ଇସ୍ରାଏଲ ସେନା ଶୁକ୍ରବାର ଠାରୁ ଦକ୍ଷିଣ ଲେବାନନର ସୋର ଅଞ୍ଚଳ ସମେତ ପ୍ରାୟ ୧୦୦ଟି ଆତଙ୍କବାଦୀ ଭିତ୍ତିଭୂମି ଓ ଅସ୍ତ୍ରଶସ୍ତ୍ର ଡିପୋକୁ ଟାର୍ଗେଟ୍ କରିଛି । ମାର୍ଚ୍ଚ ୨ରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷରେ ଲେବାନନରେ ଏପର୍ଯ୍ୟନ୍ତ ୨,୯୬୯ ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ୯,୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ଇରାନର ସରକାରୀ ଗଣମାଧ୍ୟମଗୁଡ଼ିକରେ ଏବେ ସାଧାରଣ ନାଗରିକଙ୍କୁ ଏକେ-୪୭ ରାଇଫଲ୍ ବ୍ୟବହାର କରିବା ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉଛି । ଏହି ସମୟରେ, ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ''ହର୍ମୁଜ ପ୍ରଣାଳୀ''କୁ ନେଇ ଇରାନ ଏକ ନୂତନ 'ଟ୍ରାଫିକ୍ ପରିଚାଳନା ପ୍ରଣାଳୀ' ଘୋଷଣା କରି ସଙ୍କେତ ଦେଇଛି ଯେ କେବଳ ତାକୁ ସହଯୋଗ କରୁଥିବା ବନ୍ଧୁ ଦେଶର ଜାହାଜଗୁଡ଼ିକୁ ଯାତାୟାତର ଅନୁମତି ମିଳିବ । ଆମେରିକାର 'ପ୍ରୋଜେକ୍ଟ ଫ୍ରିଡମ୍' ସହିତ ଜଡ଼ିତ ଶତ୍ରୁ ଜାହାଜଗୁଡ଼ିକୁ ସମ୍ପୂର୍ଣ୍ଣ ରୋକାଯିବ । ଅନ୍ୟପଟେ ଆମେରିକୀୟ ସେନା ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏପର୍ଯ୍ୟନ୍ତ ୭୮ଟି ଜାହାଜକୁ ଫେରାଇ ଦେଇଛି । ଇରାନର ସର୍ବୋଚ୍ଚ ନେତାଙ୍କ ପରାମର୍ଶଦାତା ମହମ୍ମଦ ମୋଖବର କୁଏତ ଓ ୟୁଏଇକୁ ଚେତାବନୀ ଦେଇ କହିଛନ୍ତି ଯେ ଶତ୍ରୁଙ୍କୁ ସହାୟତା କଲେ ପରିଣାମ ଭୟଙ୍କର ହେବ । ଏହି ଉତ୍ତେଜନା ମଧ୍ୟରେ ୟୁଏଇର ଆବୁଧାବି ସ୍ଥିତ ବାରାକା ଆଟୋମିକ୍ ପ୍ଲାଣ୍ଟ ନିକଟରେ ଏକ ଡ୍ରୋନ ଆକ୍ରମଣ ଯୋଗୁଁ ଜେନେରେଟରରେ ନିଆଁ ଲାଗିଯାଇଛି । ସେହିପରି ଗାଜାର ଖାନ ୟୁନିସରେ ଶକ୍ତିଶାଳୀ ବିସ୍ଫୋରଣ ସାରା ଅଞ୍ଚଳରେ ଯୁଦ୍ଧର ନିଆଁକୁ ଆହୁରି ତେଜି ଦେଇଛି ।

## ପାଞ୍ଚ ଦେଶର ଗସ୍ତର ତୃତୀୟ ପର୍ଯ୍ୟାୟରେ ସ୍ୱିଡେନରେ ପ୍ରଧାନମନ୍ତ୍ରୀ

# ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ପାଞ୍ଚ ଦେଶର ଗସ୍ତର ତୃତୀୟ ପର୍ଯ୍ୟାୟରେ ଆଜି (ରବିବାର) ସନ୍ଧ୍ୟାରେ ସ୍ୱିଡେନରେ ପହଞ୍ଚିଛନ୍ତି । ନେଦରଲ୍ୟାଣ୍ଡ ଗସ୍ତ କରିବା ପରେ ଯେବେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିମାନ ସ୍ୱିଡେନର ଆକାଶ ମାର୍ଗରେ ପ୍ରବେଶ କରିଥିଲା, ଏହି ସମୟରେ ସ୍ୱିଡିସ୍ ଗ୍ରିପେନ୍ ଲଢୁଆ ବିମାନ ଗୁଡ଼ିକ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏସ୍କର୍ଟ ଦେଇଥିଲେ । ଗୋଥେନବର୍ଗ ବିମାନବନ୍ଦରରେ ପହଞ୍ଚିବା ପରେ, ସ୍ୱିଡେନ ପ୍ରଧାନମନ୍ତ୍ରୀ ଉଲ୍ଫ କ୍ରିଷ୍ଟର୍ସନ ବ୍ୟକ୍ତିଗତ ଭାବରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ । ସ୍ୱିଡେନ୍ ର ଦୁଇ ଦିନିଆ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ସ୍ୱିଡେନ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଦୁଇ ନେତା ଭାରତ-ସ୍ୱିଡେନ୍ ସମ୍ପର୍କର ସମସ୍ତ ପ୍ରମୁଖ ଦିଗ ଗୁଡ଼ିକ ଉପରେ ସମୀକ୍ଷା କରିବେ । ଆଲୋଚନାରେ ବାଣିଜ୍ୟ, ସବୁଜ ପରିବର୍ତ୍ତନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି, ନୂତନ ଟେକନୋଲୋଜି, ଷ୍ଟାର୍ଟଅପ୍, ଦୃଢ଼ ଯୋଗାଣ ଶୃଙ୍ଖଳ, ପ୍ରତିରକ୍ଷା, ମହାକାଶ, ଜଳବାୟୁ ପରିବର୍ତ୍ତନ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ମଧ୍ୟ ଅନ୍ତର୍ଭୁକ୍ତ ହେବ । ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସ୍ୱିଡେନ ପ୍ରଧାନମନ୍ତ୍ରୀ ମିଳିତ ଭାବରେ ୟୁରୋପୀୟ ଶିଳ୍ପ ପାଇଁ ଗୋଲଟେବୁଲକୁ ମଧ୍ୟ ସମ୍ବୋଧିତ କରିବେ । ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ ମଧ୍ୟ ଉପସ୍ଥିତ ରହିବେ । ଏହି ଫୋରମକୁ ପ୍ରମୁଖ ୟୁରୋପୀୟ ଶିଳ୍ପ ଗୋଷ୍ଠୀ ପାଇଁ ପ୍ରମୁଖ ବ୍ୟବସାୟ ଫୋରମ ଭାବରେ ବିବେଚନା କରାଯାଏ । ସ୍ୱିଡେନ୍ ଯିବା ପୂର୍ବରୁ, ଡଚ୍ ପ୍ରଧାନମନ୍ତ୍ରୀ ରବ୍ ଜେଟେନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିଦାୟ ଦେବା ପାଇଁ ଆମଷ୍ଟରଡାମ୍ ବିମାନବନ୍ଦରରେ ବ୍ୟକ୍ତିଗତ ଭାବରେ ପହଞ୍ଚିଥିଲେ । ନେଦରଲ୍ୟାଣ୍ଡର ଦୁଇ ଦିନିଆ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ଡଚ୍ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବା ପାଇଁ ସତରଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ପଶ୍ଚିମ ଏସିଆର ପରିସ୍ଥିତି ଏବଂ ବିଶ୍ୱ ଶକ୍ତି ଯୋଗାଣ ଏବଂ ବାଣିଜ୍ୟ ନେଟୱାର୍କ ଉପରେ ଏହାର ପ୍ରଭାବ ବିଷୟରେ ଉଭୟ ନେତା ମଧ୍ୟ ଚିନ୍ତା ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଯେ ନେଦରଲ୍ୟାଣ୍ଡ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ନୂତନ ପ୍ରେରଣା ଦେଇଛି । ସେ କହିଛନ୍ତି ଯେ ଦୁଇ ଦେଶ ସମ୍ପର୍କକୁ ଏକ ରଣନୈତିକ ସହଭାଗୀତାକୁ ଉନ୍ନୀତ କରିଛନ୍ତି ଏବଂ ଜଳସମ୍ପଦ, ପ୍ରତିରକ୍ଷା, ସ୍ଥାୟୀତ୍ୱ ଏବଂ ଗତିଶୀଳତା ଭଳି କ୍ଷେତ୍ରରେ ଭବିଷ୍ୟତ ପାଇଁ ଏକ ମହତ୍ୱାକାଂକ୍ଷୀ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ଆଗାମୀ ବର୍ଷ ଗୁଡ଼ିକରେ ଭାରତ ଏବଂ ନେଦରଲ୍ୟାଣ୍ଡ ମଧ୍ୟରେ ବନ୍ଧୁତା ଆହୁରି ମଜବୁତ ହେବ । ସେ ବିମାନବନ୍ଦରରେ ଉଷ୍ମ ସ୍ୱାଗତ ଏବଂ ବିଦାୟ ପାଇଁ ପ୍ରଧାନମନ୍ତ୍ରୀ ରବ ଜେଟେନଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଥିଲେ ।

## 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍'ରେ ୨ ବର୍ଷ ଶିଶୁ ଅଭିକ

**ବିନିକା :** ସୁବର୍ଣ୍ଣପୁରଜିଲ୍ଲା ବିନିକା ବ୍ଲକ କୁହିବାହାଲ ଗ୍ରାମର ସୁରେନ୍ଦ୍ର ପଧାନ ଓ ରୁଲୀ ପଧାନଙ୍କ ୨ ବର୍ଷ ୫ ମାସର ଶିଶୁ ଅଭିକ ପଧାନଙ୍କ ନାମ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍'ରେ ସ୍ଥାନ ପାଇଛି । ଅଭିକ ପଧାନଙ୍କ ଜନ୍ମ ୮ ନଭେମ୍ବର ୨୦୨୩ ରେ ହୋଇଥିଲା । ତାଙ୍କୁ 'IBR Achiever' ଉପାଧିରେ ସମ୍ମାନିତ କରାଯାଇଛି । ଅଭିକ ନିଜର ଅସାଧାରଣ ସ୍ମୃତିଶକ୍ତି ଓ ପ୍ରତିଭା



ଦ୍ୱାରା ଏହି ସଫଳତା ହାସଲ କରିଛନ୍ତି । ସେ ୧୦ଟି ଜାତୀୟ ପ୍ରତୀକ, ୫ଟି ଆଙ୍ଗୁଠି, ୧୭ଟି ଶରୀରର ଅଂଶ, ୧୦ଟି ମୁହଁର ଭାବଭଙ୍ଗୀ, ୨୧ଟି ଯାନବାହନ, ୧୩ଟି ଆକୃତି, ୧୭ଟି ପନିପରିବା, ୧୪ଟି ଫଳ, ୨୫ଟି ପଶୁ, ୯ଟି ରଙ୍ଗ ଏବଂ ୬ଟି ସମୁଦ୍ର ପ୍ରାଣୀ ଚିହ୍ନଟ କରି ସେମାନଙ୍କ ନାମ କହିପାରନ୍ତି । ଏହା ସହିତ ସେ ସପ୍ତାହର ଦିନ, ବର୍ଷର ମାସ, ୧୦ ଜଣ ସମାଜସେବୀ/ସହାୟକ ବ୍ୟକ୍ତି, ୭ଟି ଇଂରାଜୀ ବିପରୀତ ଶବ୍ଦ ଏବଂ ଇ ରୁ ତ ପର୍ଯ୍ୟନ୍ତ ୨୬ଟି ଇଂରାଜୀ ଅକ୍ଷର ସମ୍ବନ୍ଧୀୟ ଶବ୍ଦ ମଧ୍ୟ ଉଚ୍ଚାରଣ କରିପାରନ୍ତି ।

## ଦ୍ରୁତ ଗତିରେ ଆଗେଇ ଚାଲିଛି ରଥକାମ

# ଚାରି ନାହାକା ଓ ତିନିରଥର ଡ଼ମକ ନିର୍ମାଣ ଶେଷ ପର୍ଯ୍ୟାୟରେ





**ପୁରୀ :** ରଥଖଳାରେ ବିଶ୍ୱକର୍ମା ମହାରଣା ମାନେ ରଥକାଯ୍ୟ କରୁଛନ୍ତି । ରଥକାମ ଦ୍ରୁତ ଗତିରେ ଆଗେଇ ଚାଲିଛି । ୨୭ ତମ ଦିନରେ ତିନିରଥ ର ୩୯ ଗୋଟି ଚକ ନିର୍ମାଣ ଶେଷ ହୋଇଥିବା ବେଳେ ତିନିରଥର ଚାରି ନାହାକା,ତିନିରଥର ଡ଼ମକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତିନିରଥର ମୋଟ ୪୨ ଗୋଟି ଚକ ମଧ୍ୟରୁ ଶେଷ ହୋଇଛି ଆଜି ସୁଦ୍ଧା ତିନି ରଥର ୩୯ ଗୋଟି ଚକ ।ବାକି ତିନିରଥର ଶେଷ ଗୋଟିଏ ଗୋଟିଏ ଚକ ର ସିଙ୍ଗଡା ବାଡ଼ିଆ କାର୍ଯ୍ୟ,ଆସନ୍ତାକାଲି ଭୋଇ ସେବକ ମାନେ ଯନ୍ତାଗାଡ ଠାରେ ଶେଷ କରି ତିନିରଥର ମହାରଣା ସେବକ ମାନଙ୍କୁ ଯୋଗାଇ ଦେଇ ଯନ୍ତାଗାଡ ମୂଜିବେ । ତିନିରଥ ମହାରଣା ସେବକ ମାନେ ଶେଷ ତିନି ଗୋଟି ଚକ ନିର୍ମାଣ ପାଇଁ ତୁମ୍ବ ସିଙ୍ଗଡ଼ା ରେ ପଇ ରଖି ମାପ ଚିହ୍ନ ଦେଇ ସିଙ୍ଗଡ଼ା କଟିଙ୍ଗ ସହ ଅର ମୁଖ ସାଲ କରି ପଇ ସଂଯୋଗ କାର୍ଯ୍ୟସହ ପଇ କଳସା ଏବଂ ପଇ ବିନ୍ଧ ରେ କିଳା ବାଡିଆ ଶେଷ କରି ଚକ ନିର୍ମାଣ ଶେଷ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ ରଖିଛନ୍ତି ।ଏଥିସହ ରଥ ଅମୀନ ତିନି ରଥର ବେଦୀ ନିର୍ମାଣରେ ଆବଶ୍ୟକ ଡ଼ମକ ନିର୍ମାଣ ପାଇଁ ତିନି ରଥ ଚାଳି କୁ ଭୋଇ ସେବକ ମାନଙ୍କ ସହାୟତାରେ ତାଳଧ୍ୱଜ ରଥ ଚାଳି ଏବଂ ନନ୍ଦି ଘୋଷ ରଥ ଚାଳି କୁ ଦୁଇଟି ଲେଖାଏଁ ଏବଂ ଦର୍ପଦଳନ ରଥ ଚାଳିକୁ ୩ ଟି ୧୮ ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲ ତିନିରଥର ମହାରଣା ସେବକ ମାନେ ୧୮ ଫୁଟିଆ ଧଉରା କାଠ ର ଚଉପଟ କାର୍ଯ୍ୟ ଜାରୀ ରଖିଛନ୍ତି । ଏଥିସହ ଆଜି ଶେଷ ହୋଇଛି ତିନିରଥ ଚାରି ନାହାକା ର ଚଉପଟ କାର୍ଯ୍ୟ , ଚଉପଟ କାର୍ଯ୍ୟ ଶେଷ ପରେ ଚାରି ନାହାକା ଗୁଡିକରେ ଆଠ କଣୀ ଆଂଶ ମରା ଶେଷ ପରେ ବିନ୍ଧ ପାଇଁ ମାପ ଚିହ୍ନ ପକା ଶେଷ କରିଛନ୍ତି ତିନିରଥର ମହାରଣା ସେବକ ମାନେ ରୂପକାର ସେବକ ମାନେ ତିନିରଥ ସାଲ ଗୁଜ ରେ ରୂପ ଖୋଦେଇ ସହ ଶେଷ ହୋଇଥିବା ରୁପଗୁଡ଼ିକର ପଲିସ କାର୍ଯ୍ୟ ଏବଂ ରୁପଗୁଡ଼ିକରେ ଅଳଙ୍କାର ପକା କାର୍ଯ୍ୟ ଜାରୀ ରଖିଛନ୍ତି ।ଦୋଳବେଦୀ ଅସ୍ଥାଇ କାମାର ଶାଳରେ ଓଝା ସେବକ ମାନେ ତିନିରଥ ଦଣ୍ଡା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି । ତିନିରଥ ର ମହାରଣା ସେବକ ୭୭ ଜଣ,ଭୋଇ ସେବକ ୭୬ଜଣ,କରତୀ ସେବକ ୪ଜଣ , କମାର ସେବକ ୨୦ଜଣ,ରୂପକାର ସେବକ ୨୧ଜଣ,ତୁମ୍ବ ବିନ୍ଧ କାରୀଗର ୨ ଜଣ ଓ ରଥଖଳା ସହାୟକ (ପାଣି ବାଲା) ୧ ଜଣ ମୋଟ - ୨୦୧ ଜଣ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ।

## ଭିଜିଲାନ୍ସ ଜାଲରେ ଜେଇ ଓ ସହଯୋଗୀ



**ନୟାଗଡ଼ :** ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ଅଞ୍ଚଳରେ ୨୦୨୧-୨୨ ବର୍ଷ ପାଇଁ ଗଗଝଣ (ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା) ଅନ୍ତର୍ଗତ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟର ବିଲ୍ କ୍ଲିୟର କରିବା ଏବଂ ସୁରକ୍ଷା ଜମା ଫେରସ୍ତ କରିବା ପାଇଁ ଜଣେ ଠିକାଦାରଙ୍କଠାରୁ ୧,୩୬,୦୦୦ ଟଙ୍କା ଲାଞ୍ଚ ଦାବି କରୁଥିବା ଏବଂ ନୟାଗଡ ଭାପୁର ଆରଡବ୍ଲୁ ସେକ୍ସନର କନିଷ୍ଠ ଯନ୍ତ୍ରୀ କେଶବ ସୁବୁଦ୍ଧି ଏବଂ ତାଙ୍କ ସହଯୋଗୀ ଆଶୁତୋଷ ବଳିଆରସିଂ (ବ୍ୟକ୍ତିଗତ ବ୍ୟକ୍ତି)ଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ସରକାରଙ୍କ ସର୍ତ୍ତ ଅନୁଯାୟୀ, ରକ୍ଷଣାବେକ୍ଷଣ ଅବଧି ସମାପ୍ତ ହେବା ପରେ, ସୁରକ୍ଷା ଜମା ସହିତ ପ୍ରାରମ୍ଭିକ ସୁରକ୍ଷା ଜମା (ISD) ଠିକାଦାରଙ୍କୁ ଫେରସ୍ତ କରାଯାଏ । ଏହା ସହିତ, ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ମାପ ନିଆ ନ ଗଲେ ISD ଏବଂ ସୁରକ୍ଷା ଜମା ବାଜ୍ୟାପ୍ତ ହୁଏ । ରକ୍ଷଣାବେକ୍ଷଣ କାର୍ଯ୍ୟ ସମାପ୍ତ ହେବା ପରେ ଠିକାଦାର ଗତ ୩/୪ ମାସ ଧରି ଅଭିଯୁକ୍ତ ଜେଇଙ୍କୁ ମାପ ନେବାକୁ ଏବଂ ତାଙ୍କ ସପକ୍ଷରେ ସୁରକ୍ଷା ଟଙ୍କା ରିଲିଜ୍ କରିବାକୁ ଅନୁରୋଧ କରି ଆସୁଥିଲେ । କିନ୍ତୁ, ଜେଇ ଶ୍ରୀ ସୁବୁଦ୍ଧି କଣ୍ଟ୍ରାକ୍ଟରଙ୍କଠାରୁ ଉପରୋକ୍ତ କାର୍ଯ୍ୟ ପାଇଁ ୧.୩୬ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ । ଲାଞ୍ଚ ଦାବିରେ କ୍ଷୁବ୍ଧ ହୋଇ ଠିକାଦାର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ତାଙ୍କ ହଇରାଣ ବିଷୟରେ ସୂଚନା ଦେଇଥିଲେ । ଆଜି, ଜେଇ ଖଣ୍ଡପଡ଼ା ସ୍ଥିତ ତାଙ୍କ ସରକାରୀ କ୍ୱାର୍ଟରରେ ଠିକାଦାରଙ୍କୁ ଡାକି ତାଙ୍କ ସହଯୋଗୀ ଆଶୁତୋଷ ବଳିଆରସିଂ (ଶ୍ରୀ ସୁବୁଦ୍ଧିଙ୍କ ଦ୍ୱାରା ସୁପରଭାଇଜର ଭାବରେ କାର୍ଯ୍ୟ କରିବା ପାଇଁ ନିଯୁକ୍ତ ବ୍ୟକ୍ତିଗତ ବ୍ୟକ୍ତି)ଙ୍କୁ ଦାବି କରାଯାଇଥିବା ଲାଞ୍ଚ ଟଙ୍କା ହସ୍ତାନ୍ତର କରିବାକୁ କହିଥିଲେ, ଯିଏ ସେଠାରେ ଉପସ୍ଥିତ ଥିଲେ । ଏହାପରେ, ଓଡ଼ିଶା ଭିଜିଲାନ୍ସର ଏକ ଦଳ ଠିକାଦାରଙ୍କଠାରୁ ୧.୩୬ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶ୍ରୀ ସୁବୁଦ୍ଧି ଏବଂ ଶ୍ରୀ ବଳିଆରସିଂଙ୍କୁ ଗିରଫ କରିଥିଲେ ।

## ନଦୀକୁ ଡେଇଁ ଜୀବନ ହାରିଲେ ଭେଟେରାନ ଫିଲ୍ମ ନିର୍ମାତା

**ହାଇଦ୍ରାବାଦ:** ତାମିଲ ସିନେମା ଜଗତରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ସାମ୍ନାକୁ ଆସିଛି, ଯାହା ସାରା ଫିଲ୍ମଜଗତକୁ ସ୍ତବ୍ଧ କରିଦେଇଛି । ନିଜର ସ୍ପଷ୍ଟବାଦୀ ମତାମତ ଏବଂ ବିବାଦୀୟ ବୟାନ ପାଇଁ ସୁପରିଚିତ ତାମିଲ ଚଳଚ୍ଚିତ୍ର ନିର୍ମାତା କେ. ରାଜନଙ୍କର ପରଲୋକ ହୋଇଛି । ତାଙ୍କର ଏହି ଆକସ୍ମିକ ନିଧନ ଖବର ପ୍ରଚାରିତ ହେବା ପରେ ସୋସିଆଲ ମିଡିଆରେ ଶୋକର ଛାୟା ଖେଳିଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ୮୫ ବର୍ଷୀୟ ଫିଲ୍ମନିର୍ମାତା କେ. ରାଜନ ଚେନ୍ନାଇର ଅଡ୍ୟାର ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ପୋଲିସ ଏବଂ ଉଦ୍ଧାରକାରୀ ଦଳ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ଏହି ଘଟଣା ସାରା ତାମିଲ ସିନେମା ଜଗତରେ ହଲଚଲ ସୃଷ୍ଟି କରିଛି । ପୋଲିସ ବର୍ତ୍ତମାନ ମାମଲାର ଯାଞ୍ଚ କରୁଛି ଏବଂ ଆତ୍ମହତ୍ୟା ପଛର ପ୍ରକୃତ କାରଣ ଖୋଜିବାକୁ ଚେଷ୍ଟା କରୁଛି ।

## ପୁଣି ନୟାଗଡ଼ରେ ଚାଞ୍ଚଲ୍ୟ

# ନିଖୋଜ କ୍ରସରମାଲିକଙ୍କ ପୁଅ ଶବ ଉଦ୍ଧାର, ହତ୍ୟା ସନ୍ଦେହ



**ରଣପୁର :** ରାଜ୍ୟରେ ଗୋଟିଏ ପରେ ଗୋଟିଏ ଘଟୁଥିବା ଜଘନ୍ୟ ଅପରାଧକୁ ପ୍ରସଙ୍ଗରେ ରାଜ୍ୟରେ ପୁଲିସ ବିଭାଗର ଅପରାଗତା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ବିରୋଧୀ ଦଳଙ୍କ ସମାଲୋଚନା ଜାରି ରହିଛି । ଏହି ସମୟରେ ତିନି ତିନିଟି ହତ୍ୟା ଘଟଣାକୁ ନେଇ ଚର୍ଚ୍ଚାରେ ଥିବା ନୟାଗଡ଼ରେ ଆଜି ଆଉ ଏକ ଘଟଣା ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି । ଦୁଇ ଦିନ ଧରି ନିଖୋଜ ଥିବା କ୍ରସର ମାଲିକଙ୍କ ପୁଅ ପ୍ରତାପଙ୍କ ଶବକୁ ଉଦ୍ଧାର କରାଯାଇଛି । ସୂଚନାନୁସାରେ, ଚଳିତ ମାସ ୧୫ ତାରିଖରୁ ଚାନ୍ଦପୁର ଥାନା କେରଣ୍ଡାଟାଙ୍ଗୀ ଗ୍ରାମ ପଞ୍ଚାୟତ ନୂଆପଡା କ୍ରସର ମାଲିକ ନକୁଳ ପ୍ରଧାନଙ୍କ ପୁଅ ପ୍ରତାପ କୁମାର ପାଟଶାଣି ନିଖୋଜ ହୋଇଥିଲେ । ଏ ନେଇ ଚାନ୍ଦପୁର ଥାନାରେ ଅଭିଯୋଗ ହୋଇଥିଲା । ପରିବାର ଲୋକ ଓ ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଆଜି (ରବିବାର) ସକାଳୁ ଜଣେ ମହିଳା ରାଇପଡା ରାସ୍ତାର ନୂଆପଡା ଜଙ୍ଗଲ ଏକ ପରିତ୍ୟକ୍ତ କଳାମୁଗୁନି ପଥର ଖଣି ପୋଖରୀକୁ ଶୌଚ ପାଇଁ ଯାଇଥିଲେ । ସେଠାର ପାଣିରେ ପ୍ରତାପଙ୍କ ଶବ ଭାସୁଥିବା ଚିହ୍ନଟ କରି ପ୍ରତାପଙ୍କ ପରିବାର ଓପୁଲିସକୁ ସୂଚିତ କରିଥିଲେ । ଖବର ପ୍ରସାରିତ ହେବା ପରେ ସେଠାରେ ଗାଁଲୋକଙ୍କ ଭିଡ଼ ବଢ଼ିଯାଇଥିଲା । ଚାନ୍ଦପୁର ଥାନା ନିରୀକ୍ଷକ ଅଭୟ ବେହେରା ସଦଳବଳେ ସେଠାରେ ପହଞ୍ଚିଥିଲେ । ପରେ ଫରେନ୍ସିକ୍ ଟିମ୍ ସହ ସନ୍ଧାନୀ କୁକୁର ସହ ଶରଣକୁଳ ଉପଖଣ୍ଡ ପୁଲିସ ଅଧିକାରୀ ଦୀପ୍ତିକାନ୍ତ ପ୍ରଧାନ ମଧ୍ୟ ପହଞ୍ଚିଥିଲେ । ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

## ଗୃହ ତାଲିକାକରଣ ଓ ଗୃହ ଗଣନା ନେଇ କ୍ଷେତ୍ର କାର୍ଯ୍ୟ ଆରମ୍ଭ

# ୧.୪୪ କୋଟିରୁ ଅଧିକ ପରିବାର ଦ୍ୱାରା ସ୍ୱ-ଗଣନା ସଂପୂର୍ଣ୍ଣ

**ନୂଆଦିଲ୍ଲୀ :** ଜନଗଣନା ୨୦୨୭ର ପର୍ଯ୍ୟାୟ-୧ ଅନ୍ତର୍ଗତ ପାଞ୍ଚଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ - ରାଜସ୍ଥାନ, ମେଘାଳୟ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ଦିଲ୍ଲୀର ଜାତୀୟ ରାଜଧାନୀ କ୍ଷେତ୍ର ମଧ୍ୟରେ ଦିଲ୍ଲୀ ନଗର ନିଗମ (ଏମସିଡି) ଅଞ୍ଚଳରେ ଘର ତାଲିକାକରଣ ଏବଂ ଘର ଗଣନା (ଏଚଏଲଓ) ପାଇଁ କ୍ଷେତ୍ର କାର୍ଯ୍ୟ ଆରମ୍ଭ ହୋଇଛି । ସେହିପରି ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ବିହାର, ଚଣ୍ଡିଗଡ଼, ଛତିଶଗଡ଼, ଦାଦ୍ରା ଏବଂ ନଗର ହାବେଳୀ ଏବଂ ଦାମନ ଏବଂ ଦିଉ, ହରିୟାଣା, ମଧ୍ୟ ପ୍ରଦେଶ, ପଞ୍ଜାବ, ତେଲେଙ୍ଗାନା ଏବଂ ଉତ୍ତରାଖଣ୍ଡରେ ଗଣନାକାରୀଙ୍କ ଦ୍ୱାରା ଘର ତାଲିକାକରଣ କାର୍ଯ୍ୟ ବର୍ତ୍ତମାନ ଚାଲିଛି । ଆଜିଠାରୁ, ସ୍ୱୟଂ-ଗଣନା (ଏସଇ) ବ୍ୟବସ୍ଥା ଗୁଜରାଟ, ଜମ୍ମୁ ଏବଂ କାଶ୍ମୀର, ଲଦାଖ ଏବଂ ପୁଡୁଚେରୀରେ ଆରମ୍ଭ କରାଯାଇଛି ଏବଂ ଏହା ୩୧ ମଇ, ୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ, ଘର ତାଲିକାକରଣ ଏବଂ ଘର ଗଣନା ପାଇଁ କ୍ଷେତ୍ର କାର୍ଯ୍ୟ ୧ ଜୁନ୍ରୁ ୩୦ ଜୁନ୍, ୨୦୨୬ ପର୍ଯ୍ୟନ୍ତ କରାଯିବ । ବର୍ତ୍ତମାନ ସ୍ୱୟଂ-ଗଣନା କାର୍ଯ୍ୟ ଉତ୍ତର ପ୍ରଦେଶରେ ମଧ୍ୟ ଚାଲିଛି ଏବଂ ଏହା ୨୧ ମଇ, ୨୦୨୬ ପର୍ଯ୍ୟନ୍ତ ଜାରି ରହିବ । ଏହା ପରେ, ଘର ତାଲିକା ପାଇଁ କ୍ଷେତ୍ର କାର୍ଯ୍ୟ ୨୨ ମଇ ରୁ ୨୦ ଜୁନ୍, ୨୦୨୬ ପର୍ଯ୍ୟନ୍ତ କରାଯିବ । ଏହା ପୂର୍ବରୁ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଲକ୍ଷଦ୍ୱୀପ, ମିଜୋରାମ, ଓଡ଼ିଶା ଏବଂ ସିକିମ୍ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଜାତୀୟ ରାଜଧାନୀ ପ୍ରଦେଶ ଦିଲ୍ଲୀର ଏନଡିଏମସି ଏବଂ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ବୋର୍ଡ ଅଞ୍ଚଳରେ ୧୬ ଏପ୍ରିଲରୁ ୧୫ ମଇ, ୨୦୨୬ ମଧ୍ୟରେ ଗୃହ ତାଲିକାକରଣ ଓ ଗୃହ ଗଣନା କାର୍ଯ୍ୟ ସଫଳତାର ସହ ସମାପ୍ତ ହୋଇଥିଲା । ପ୍ରଥମ ଥର ପାଇଁ ଜନଗଣନାରେ ଆରମ୍ଭ ହୋଇଥିବା ସ୍ୱଗଣନା ବ୍ୟବସ୍ଥାକୁ ଲୋକମାନଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି । ଏପର୍ଯ୍ୟନ୍ତ ୨୫ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ୧.୪୪ କୋଟିରୁ ଅଧିକ ଲୋକ ସରକାରୀ ପୋର୍ଟାଲ (se.census.gov.in) ମାଧ୍ୟମରେ ସ୍ୱଗଣନା ସଂପୂର୍ଣ୍ଣ କରିଛନ୍ତି । ଏହି ପଦକ୍ଷେପ ଜନଗଣନା କାର୍ଯ୍ୟର ଡିଜିଟାଇଜେସନ୍ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହା ଲୋକମାନଙ୍କୁ ଏକ ସୁବିଧାଜନକ ଏବଂ ସୁରକ୍ଷିତ ଉପାୟରେ ଜନଗଣନା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରେ । ଯେଉଁ ବାସିନ୍ଦାମାନେ ସ୍ୱ-ଗଣନା ପ୍ରକ୍ରିୟା ସମାପ୍ତ କରିଛନ୍ତି ସେମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ପାଇଥିବା ସ୍ୱ-ଗଣନା ପରିଚୟପତ୍ରକୁ ସୁରକ୍ଷିତ ରଖନ୍ତୁ ଏବଂ ସେମାନଙ୍କ ଗୃହ ପରିଦର୍ଶନ ସମୟରେ ଏହାକୁ ଗଣନାକାରୀଙ୍କ ସହ ସେୟାର କରନ୍ତୁ, ଯାହା ଦ୍ୱାରା ଏଲଏଲଓ (ଗୃହ ତାଲିକାକରଣ ଓ ଗୃହ ଗଣନା କାର୍ଯ୍ୟ) ପ୍ରକ୍ରିୟା ସମାପ୍ତ ହୋଇପାରିବ । ଯେଉଁ ପରିବାରଗୁଡ଼ିକ ସ୍ୱ-ଗଣନା କରିନାହାଁନ୍ତି ସେମାନଙ୍କୁ ଗଣନାକାରୀଙ୍କ ଦ୍ୱାରା ଘର ଘର ପରିଦର୍ଶନ ମାଧ୍ୟମରେ ଏହି ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯିବ । ଡିଜିଟାଲ ମାଧ୍ୟମ ବ୍ୟବହାର କରି ପ୍ରଥମ ଥର ପାଇଁ ଜନଗଣନା ୨୦୨୭ କରାଯାଉଛି; ତଥାପି, ବ୍ୟାପକ ଏବଂ ସଠିକ୍ କଭରେଜ୍ ସୁନିଶ୍ଚିତ କରିବା ପାଇଁ, ଘରକୁ ଘର ବୁଲି ଗଣନାର ପାରମ୍ପରିକ ପ୍ରକ୍ରିୟା ଚାଲୁ ରହିଛି । କ୍ଷେତ୍ର ପରିଦର୍ଶନ ସମୟରେ, ଗଣନାକାରୀମାନେ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାର କରି ଡିଜିଟାଲ୍ ଭାବରେ ତଥ୍ୟ ସଂଗ୍ରହ କରୁଛନ୍ତି । ଏହି ପର୍ଯ୍ୟାୟରେ, ଆବାସିକ ସ୍ଥିତି, ପରିବାର ବିବରଣୀ, ଉପଲବ୍ଧ ସୁବିଧା ଏବଂ ପରିବାର ଦ୍ୱାରା ଥିବା ସମ୍ପତ୍ତି ସମ୍ପର୍କରେ ସୂଚନା ୩୩ଟି ସୂଚୀତ ପ୍ରଶ୍ନାବଳୀ ମାଧ୍ୟମରେ ସଂଗ୍ରହ କରାଯାଉଛି । ଏହି ତଥ୍ୟ ପ୍ରମାଣ-ଭିତ୍ତିକ ଯୋଜନା ପ୍ରସ୍ତୁତି ଏବଂ କଲ୍ୟାଣ ତଥା ବିକାଶ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରଦାନ କରିବ । ଜନଗଣନା ଆଇନ, ୧୯୪୮ ଅନୁଯାୟୀ ସଂଗୃହୀତ ସମସ୍ତ ସୂଚନାକୁ କଡ଼ାକଡ଼ିଭାବେ ଗୋପନୀୟ ରଖାଯାଏ ଏବଂ କେବଳ ପରିସଂଖ୍ୟାନମୂଳକ ଉଦ୍ଦେଶ୍ୟ ଏବଂ ବିକାଶ ଯୋଜନା ପ୍ରଣୟନ ପାଇଁ ବ୍ୟବହାର କରାଯାଏ ।

## ସମ୍ପାଦକୀୟ

# ମହାଯୁଦ୍ଧକ୍ଷେତ୍ର ମଧ୍ୟପ୍ରାଚ୍ୟ

ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ଏବେ ବି ଜାରି ରହିଛି। ହେଲେ ଆଲୋଚନା ପରବର୍ତ୍ତୀ ଫଳାଫଳକୁ ନେଇ ଏବେ ବି ଆଶଙ୍କା ଜାରି ରହିଛି। ପାକିସ୍ତାନ୍‌ରେ ହେବାକୁ ଯାଉଥିବା ଶାନ୍ତି ଆଲୋଚନା ଯେଉଁଥିରେ ଆମେରିକା ମଧ୍ୟ ପ୍ରତିନିଧିତ୍ୱ କରୁଛି, ସେହି ଟିମ୍‌ରେ ଜେ ଡି ଭାନ୍‌ସଙ୍କ ନେତୃତ୍ୱରେ ଆହୁରି ଅନ୍ୟମାନେ ବି ଅଛନ୍ତି। ଯେମିତି କି ଆମେରିକାର ଜଣେ ବିଶିଷ୍ଟ ବ୍ୟବସାୟୀ ତଥା ରାଜନେତା ଯେ କି ଆମେରିକା ପ୍ରଶାସନରେ ଟ୍ରମ୍ପଙ୍କ ସହଯୋଗୀ ଭାବେ ବେଶ୍ ଜଣାଶୁଣା। ସେ ବି ଆସିଛନ୍ତି ଏହି ଟିମ୍ ରେ । ତେବେ ଇରାନୀୟ ରାଷ୍ଟ୍ରଦୂତ ଆମିରି ମୋଘାଦମ୍ ଇସଲାମାବାଦ୍ ରେ ଶାନ୍ତି ଆଲୋଚନା ନେଇ ଯେଉଁ ସୂଚନା ପ୍ରଦାନ କରିଛନ୍ତି,ସେଥିରେ ଉଭୟ ପକ୍ଷର ସହମତି ଥିବା ନେଇ ସେ ବିଷୟରେ ସେ ଯେଉଁ ସୂଚନା ପ୍ରଦାନ କରିଛନ୍ତି, ତାହା ବି ସତ୍ୟ। ଗୁରୁବାର ଅପରାହ୍ନରେ ଉଭୟ ଆମେରିକା ଏବଂ ଇରାନ୍ ମଧ୍ୟରେ ଏକ ସ୍ଥାୟୀ ବୁଝାମଣା ନେଇ ଇସଲମାବାଦରେ ଯେଉଁ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି , ତାହା ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ସେଥିରେ ଉଭୟ ଦେଶର ସ୍ୱାର୍ଥ ନିହିତ ରହିଛି ବୋଲି ଖୋଦ୍ ଆମେରିକାର ରାଷ୍ଟ୍ରପତି ତାଙ୍କ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରିଛନ୍ତି। ଏପଟେ ଏହି ଶାନ୍ତି ସମ୍ମିଳନୀରେ ଯୋଗ ଦେଇଛନ୍ତି ପାକିସ୍ତାନ ପାର୍ଲାମେଣ୍ଟସଦସ୍ୟ ମଧ୍ୟ ସାମିଲ୍ ଅଛନ୍ତି। ପାକିସ୍ତାନ୍ ର ସର୍ବୋଚ୍ଚ ସାମରିକ ଶାସକ ଅସୀମ୍ ମୁନୀର ମଧ୍ୟ ଏହି ଶାନ୍ତି ସମ୍ମିଳନୀରେ ଯୋଗ ଦେବାର ଆଶଙ୍କା ରହିଛି। ଆମେ ଏଠାରେ ଆଶଙ୍କା ଶବ୍ଦର ବ୍ୟବହାର କେବଳ ଏଥିପାଇଁ କରୁଛୁ ଯେ ମୁନୀର ଭଳି ଗୋଟାଏ ଯୁଦ୍ଧଖୋର ଚରିତ୍ର, ମୁନୀର ଭଳି ଗୋଟାଏ ଅସାମାଜିକ ଚରିତ୍ର ଯାହାକୁ ପାକିସ୍ତାନର ସର୍ବୋଚ୍ଚ ସାମରିକ ଅଧିକାରୀ ଭାବରେ ଦାୟିତ୍ୱ ଦିଆଯାଇଛି ଏବଂ ଯାହାଙ୍କୁ ପାକିସ୍ତାନ୍‌ର ଦ୍ୱିତୀୟ ଶାସକ ଭାବେ ବିବେଚନା କରାଯାଉଛି, ସେ ଗୋଟାଏ ପକ୍କା ଅଖାଡୁଆ ମିଲିଟାରୀ ମ୍ୟାନ୍ ଯେ କି କେବଳ ଯୁଦ୍ଧର ଭାଷା ଜାଣେ। ହେଲେ କାହା ସହିତ ଯୁଦ୍ଧ କରିବ ସେ। ଆଫଗାନିସ୍ତାନ୍ ସହିତ ଯେ କି ତା’ଠାରୁ ବହୁତ ଦୁର୍ବଳ ଏବଂ ପରେ ପରେ ଅତି ବେଶିରେ ଭାରତ ସହିତ ବି ଭିଡ଼ିଯାଇପାରେ । କାରଣ ଭାରତ ହେଉଛି ଦୟାଳୁ ମାନେ ଯେ କି ପାକିସ୍ତାନ୍ ଉପରେ ଆକ୍ରମଣ କରିବା ପୂର୍ବରୁ ତାକୁ ପୂର୍ବାଭାଷ ଦେଇ ଆକ୍ରମଣ କରିପାରେ ଯାହାଦ୍ୱାରା ପାକିସ୍ତାନ୍ ବି ଟିକେ ସତର୍କ ହୋଇଯିବ । ଏହା ହେଉଛି ଭାରତର ଯୁଦ୍ଧନୀତି ଏହା ପାକିସ୍ତାନର କୂଟନୀତି। ତା’ ମାନେ କି ପାକିସ୍ତାନ୍ ଭାରତ ଠାରୁ ବଳୀୟାନ୍ ? କେବେ ନୁହେଁ। ହେଲେ ପାକିସ୍ତାନ୍ ପଛରେ ରହିଛି ଚାଲ୍‌ବାଜ୍ ଚାଇନା। ବିରାଟ ବାହୁବଳେ କୀଚକ ରାଜା ପ୍ରାୟ ସେହିଭଳି ନୀତିରେ ବି ରହିଛି ପାକିସ୍ତାନ୍ । ଏପରି ସ୍ଥିତିରେ କ’ଣ କରାଯାଇପାରେ ଅବା କ’ଣ କୁହାଯାଇପାରେ ? ତାହା ତ ସମୟ କହିବ ତେବେ ଏବେ ଆମେରିକା ଏବଂ ଇରାନ୍ ମଧ୍ୟରେ ଯେଉଁ ଯୁଦ୍ଧ ଚାଲିଛି, ଯାହା ପଛରେ ସେମିତି କୌଣସି ନିର୍ଦ୍ଦିଷ୍ଟ କାରଣ ନାହିଁ,ଏଣୁ ତା’ର ନିରାକରଣ ବିଷୟରେ କେହି ବି କ’ଣ ଚିନ୍ତା କରିବେ ? ସବୁ କିଛି ନିରର୍ଥକ ସାବ୍ୟସ୍ତ ହେବ। ପ୍ରଥମ କାରଣ ହେଉଛି ଆମେରିକାର ରାଷ୍ଟ୍ରପତି ହେଉଛନ୍ତି ଜାଣେ ଅର୍ଦ୍ଧପାଗଳ ଯେ କି ସକାଳେ ଗୋଟାଏ ନିଷ୍ପତ୍ତି ନେଲେ ସନ୍ଧ୍ୟାରେ ଆଉ ଗୋଟାଏ ନିଷ୍ପତ୍ତି ନିଅନ୍ତି। ଏଭଳି ପରିସ୍ଥିତିରେ ପାକିସ୍ତାନ୍ ମାଟିରେ ଯୁଦ୍ଧ ବିରତି ନେଇ ଆଲୋଚନା ହେବାକୁ ଯାଉଛି , ସେଥିରେ ଆମର ତ ଏକ ପ୍ରତିଶତ ଭରସା ନାହିଁ। କାରଣରେ ପ୍ରଥମେ ପାକିସ୍ତାନ୍ ମାଟି ହେଉଛି ଗୋଟାଏ ପାପୀ ମାଟି , ଯେଉଁଠାରେ ଶାନ୍ତି ଆଲୋଚନା କେବେ ବି ସଫଳ ହୋଇନପାରେ । ଦ୍ୱିତୀୟରେ ଆମେରିକା ସହିତ ଇସ୍ରାଏଲ୍ ଭଳି ଗୋଟାଏ ଯୁଦ୍ଧଖୋର ଦେଶ ଯେଯାବତ୍ ରହିଛି , ସେ ଯାବତ୍ ମଧ୍ୟପ୍ରାଚ୍ୟରେ ଶାନ୍ତି ଆଲୋଚନା ସଫଳ ହେବାର କୌଣସି ସମ୍ଭାବନା ନାହିଁ। ଆଉ ଗୋଟାଏ ବିଶେଷ କଥା ହେଉଛି ନିଜେ ଟ୍ରମ୍ପ ଏହି ଆଲୋଚନାରେ ସିଧାସଳଖ ଭାଗନେବା କଥା, କାରଣ ସେ ହେଉଛନ୍ତି ସବୁ ନାଟର ଗୋବର୍ଦ୍ଧନ। ସେ ହେଉଛନ୍ତି ସବୁଠାରୁ ବଡ଼ କଳିଆ। ସେ ପ୍ରଥମେ ପାକିସ୍ତାନ୍ ଆସିବା କଥା। ହେଲେ ସେ ନିଜେ ନ ଆସି ଉପରାଷ୍ଟ୍ରପତିଙ୍କୁ ପଠାଇବାର ଉଦ୍ଦେଶ୍ୟ ହେଉଛି ଟ୍ରମ୍ପଙ୍କ ଭିନ୍ନ କିଛି ମନୋଭାବର ପରିଚୟ। ଯେଉଁଥିରେ କିଛି ଆଶଙ୍କା ରହିଛି ନିଶ୍ଚୟ। ଆଉ ସେହି ଆଶଙ୍କାଟି ହେଉଛି ଟ୍ରମ୍ପଙ୍କ ଦୋମୁହାଁ ନୀତି। ତାଙ୍କର ଆଶା ତ ଅନେକ ହେଲେ ନିଜ ଆଶା ପୂରଣ କରିବକୁ ଯାଇ ସେ ଅନ୍ୟର ଆଶା ପୂରଣ ଉପରେ କେବେ ବି ଗୁରୁତ୍ୱ ଦିଅନ୍ତି ନାହିଁ। ଫ୍ୟାମିଲୀ ଇଜ୍ ଫାଷ୍ଟ ଭଳି ମିଷ୍ଟର ଟ୍ରମ୍ପ ତାଙ୍କ ଆମେରିକା ଦେଶକୁ ଅଧିକ ଗୁରୁତ୍ୱ ଦିଅନ୍ତି । ଏହା ତ ସାଧାରଣ କଥା। ହେଲେ ତାହା ଭିତରେ ଗୋଟାଏ ଛୋଟ କଥା ହେଉଛି ଆମେରିକା କେବେ ବି ଅନ୍ୟ ଦେଶର ସାମୂହିକ ସ୍ୱାର୍ଥ ସାଧନ ଉପରେ ସେଭଳି କିଛି ଗୁରୁତ୍ୱ ଦିଏ ନାହିଁ। ଏଇ ଯେମିତି ଏବେ ଇରାନ୍ ସହିତ ବ୍ୟବହାର କରୁଛି। ଇରାନ୍‌ର ପରମାଣୁ ପରୀକ୍ଷଣ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇ ତାକୁ ନିଜ ଆୟତ୍ତରେ ରଖିବାକୁ ଚାହୁଁଛି। ସେପାଇଁ ଅକାରଣେ ମଧ୍ୟପ୍ରାଚ୍ୟ ଏବେ ପରିଣତ ହୋଇଛି ମହାଯୁଦ୍ଧ କ୍ଷେତ୍ରରେ।

## ବୁଦ୍ଧିବଳ

ଜଣେ ଯୁବକ ଥରେ କୌଣସି ଜରୁରୀ କାମରେ ବାହାରିଗଲେ ଏକ ଦୂର ସ୍ଥାନକୁ। ତାଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲ। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ ଗୁରୁଙ୍କ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଏ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବର୍ତ୍ତିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା’ ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା’ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚିଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କ ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା, ତାହା ହେଉଛି ପ୍ରକୃତ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ।

# ଜଳ ସମସ୍ୟା, ସୁରକ୍ଷା ଓ ଭବିଷ୍ୟତ ପଦକ୍ଷେପ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ପୃଥିବୀର ସମସ୍ତ ଜୀବଜଗତ ପାଇଁ ଜଳ ଅତ୍ୟାବଶ୍ୟକ। କୁହାଯାଏ ଯେ ଜଳ ହିଁ ଜୀବନନ୍ତ, ଯାହା ଏହାର ଗୁରୁତ୍ୱକୁ ଦର୍ଶାଏ। ମାନବ ସଭ୍ୟତା ନଦୀ କୂଳରେ ଉତ୍ପତ୍ତି ହୋଇଥିଲା ଏବଂ ଜଳ ଉପରେ ଆଧାରିତ ହୋଇ ଅଗ୍ରଗତି କରିଛି। ତଥାପି, ଆଜିର ସମୟରେ, ଜଳ ଅଭାବ ଏକ ଗମ୍ଭୀର ସମସ୍ୟା ଭାବରେ ଉଭା ହେଉଛି। ବର୍ଦ୍ଧିତ ଜନସଂଖ୍ୟା, ଶିଳ୍ପାୟନ, ଜଳ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳ ସମ୍ପଦ ହ୍ରାସ ପାଉଛି। ତେଣୁ, ଜଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତ ପଦକ୍ଷେପ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ଅନେକ ଦେଶ ଜଳ ଅଭାବ ସହିତ ସଂଘର୍ଷ କରୁଛନ୍ତି। ଯଦିଓ ପୃଥିବୀର ୭୦% ଜଳରେ ଆଚ୍ଛାଦିତ ତଥାପି ଶୁଦ୍ଧ ପାନୀୟ ଜଳର ପରିମାଣ ବହୁତ କମ୍ ଆଉ ଏଥିପାଇଁ ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀ, ହ୍ରଦ ଏବଂ ଝରଣାର ପ୍ରଦୂଷଣ, ପରିବେଶଗତ ଅସନ୍ତୁଳନ, ଅସମୟରେ ବର୍ଷା ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇଛି। ଯଦି ଏହି ସମସ୍ୟା ଲାଗାତର ଜାରି ରହେ, ତେବେ ଭବିଷ୍ୟତରେ ଲୋକମାନେ ପାନୀୟ ଜଳରୁ ବଞ୍ଚିତ ମଧ୍ୟ ହୋଇପାରନ୍ତି। ଜଳ ସୁରକ୍ଷା ଅର୍ଥ ହେଉଛି ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଏବଂ ସ୍ୱଚ୍ଛ ଜଳ ଯୋଗାଣ ସୁନିଶ୍ଚିତ କରିବା। ଏହା କେବଳ ମାନବ ଜୀବନ ପାଇଁ ନୁହେଁ ବରଂ କୃଷି, ଶିଳ୍ପ ଏବଂ ପରିବେଶ ପାଇଁ ମଧ୍ୟ ଅତ୍ୟାବଶ୍ୟକ। ଜଳ ସୁରକ୍ଷା ବିନା ଅନେକ ସମସ୍ୟା ଉପୁଜିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ ଖାଦ୍ୟ ଉତ୍ପାଦନ ହ୍ରାସ ପାଇବ, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବ ଏବଂ ଆର୍ଥିକ ଅଭିବୃଦ୍ଧି ମଧ୍ୟ ବାଧାପ୍ରାପ୍ତ ହେବ। ଜଳ ସୁରକ୍ଷା ହେଉଛି ସ୍ଥାୟୀ ବିକାଶର ମୂଳଦୁଆ।ଏହି ଜଳ ସମସ୍ୟାର ସମାଧାନ ପାଇଁ ଆମକୁ ରୀତିମତ ଅନେକ ଭବିଷ୍ୟତ ପଦକ୍ଷେପ ନେବାକୁ ପଡିବ। ପ୍ରଥମତଃ, ବର୍ଷାଜଳର ସଂଗ୍ରହ । ବର୍ଷା ହେଉଛି ପ୍ରାକୃତିକ ଜଳର ମୁଖ୍ୟ ଉତ୍ସ। ଆମେ ବର୍ଷାଜଳ ସଂଗ୍ରହ କରି ଭୂତଳ ଜଳ ପୁନଃ ପୂରଣ କରିପାରିବା। ଘର, ସ୍କୁଲ ଏବଂ କଳ କାରଖାନାରେ ବର୍ଷାଜଳ ସଂଗ୍ରହ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବା ଉଚିତ। ଦ୍ୱିତୀୟତଃରେ ଜଳ ସଂରକ୍ଷଣ ସଚେତନତା। ଲୋକଙ୍କୁ ଜଳ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରାଯିବା ଉଚିତ। ଅପଚୟ ଜଳ ବ୍ୟବହାରକୁ ରୋକିବା, ଲିକ୍ ହେଉଥିବା ପାଇପ୍ ମରାମତି କରିବା, କମ୍ ପାଣିରେ ଦୈନନ୍ଦିନ କାର୍ଯ୍ୟ ସମାପ୍ତ କରିବା ଇତ୍ୟାଦି ଛୋଟ ଛୋଟ ଅଭ୍ୟାସ ବିଷୟରେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରଚୁର ପାଣି ସଞ୍ଚୟ କରିପାରିବ। ତୃତୀୟରେ ନଦୀ ଏବଂ ଜଳାଶୟକୁ ସଂରକ୍ଷଣ କରିବା। ନଦୀ, ହ୍ରଦ ଏବଂ ପୋଖରୀକୁ ପ୍ରଦୂଷଣରୁ ରକ୍ଷା କରିବା ଉଚିତ। ଶିଳ୍ପ ଏବଂ ଘରୋଇ ଅଳିଆ ଆବର୍ଜନାକୁ ସିଧାସଳଖ ଜଳାଶୟରେ ପକାଇବା ଉଚିତ ନୁହଁ । ଚତୁର୍ଥରେ ଭୂତଳ ଜଳର ବ୍ୟବସ୍ଥିତ ବ୍ୟବହାର। ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଜଳସ୍ତରକୁ ହ୍ରାସ କରୁଛି। ତେଣୁ, ଏହାର ବ୍ୟବହାର ନିୟନ୍ତ୍ରଣ କରାଯିବା ଉଚିତ ଏବଂ ପୁନଃ ସଂଗ୍ରହ ତଥା ପୂରଣ ବ୍ୟବସ୍ଥାକୁ ବିସ୍ତାର କରାଯିବା ଉଚିତ। ପଞ୍ଚମରେ କୃଷିରେ ଆଧୁନିକ ଜଳସେଚନ ବ୍ୟବସ୍ଥା ଗ୍ରହଣ କରିବା। କୃଷିରେ ପ୍ରଚୁର ପାଣି ବ୍ୟବହାର ହୁଏ । ତେଣୁ, ଡ୍ରିପ୍ ଜଳସେଚନ ଏବଂ ସିଞ୍ଚନକାରୀ ବ୍ୟବସ୍ଥା ଜଳ ବ୍ୟବହାରକୁ ହ୍ରାସ କରିପାରିବ। ଷଷ୍ଠରେ ଗଛ ଲଗାଇବା ଏବଂ ପରିବେଶ ସୁରକ୍ଷା ଜଳ ସଂରକ୍ଷଣରେ ଅଧିକ ଗଛ ଲଗାଇବା ଏବଂ ଜଙ୍ଗଲ ସୁରକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଗଛ ବର୍ଷାକୁ ଧରିଥାଏ ଏବଂ ଭୂତଳ ଜଳ ସଂରକ୍ଷଣ କରିଥାଏ। ସପ୍ତମରେ ଜଳ ପୁନଃବ୍ୟବହାର ଏବଂ ପୁନଃଚକ୍ରଣ। ଘରୋଇ ଏବଂ ଶିଳ୍ପ ଜଳକୁ ବିଶୋଧନ ଏବଂ ପୁନଃବ୍ୟବହାର କରାଯିବା ଉଚିତ। ଏହା ଜଳ ଅପଚୟକୁ ହ୍ରାସ କରିଥାଏ। ଅଷ୍ଟମରେ ସରକାରୀ ନୀତି ଏବଂ ଆଇନ। ଜଳ ସଂରକ୍ଷଣ ପାଇଁ ଦୃଢ଼ ନୀତି ଏବଂ ଆଇନ ଅତ୍ୟାବଶ୍ୟକ। ଜଳ ବ୍ୟବହାରକୁ ନିୟନ୍ତ୍ରଣ କରୁଥିବା ଏବଂ ଏହାକୁ ପ୍ରଦୂଷିତ କରୁଥିବା ଲୋକଙ୍କ ପାଇଁ କଠୋର ଆଇନ ଏବଂ ଦଣ୍ଡ ଆବଶ୍ୟକ। ନବମରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର। ଡିସାଲିନେସନ୍ ଏବଂ ସମୁଦ୍ର ଜଳ ବିଶୋଧନ ତଥା ଲୁଣି ପାଇଁକୁ ମଧୁର ପାଣିରେ ବ୍ୟବସ୍ଥା କରିବା ଏବଂ ସ୍ମାର୍ଟ ଜଳ ପରିଚାଳନା ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଜଳକୁ ସୁରକ୍ଷିତ କରିବାରେ ସାହାଯ୍ୟ କରିପାରିବ। ଶେଷରେ, ଜଳ ସମ୍ପଦ ବିଷୟରେ ଅଧିକ ଗବେଷଣା ଏବଂ ଜ୍ଞାନ ଆବଶ୍ୟକ। ନୂତନ ପଦ୍ଧତି ଏବଂ ପ୍ରଯୁକ୍ତିବିଦ୍ୟା ଖୋଜି ଜଳ ସମସ୍ୟାର ସମାଧାନ କରାଯାଇପାରିବ।ଜଳବାୟୁ ପରିବର୍ତ୍ତନ ଜଳ ସମ୍ପଦକୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ବର୍ଷା ଧାରାରେ ପରିବର୍ତ୍ତନ ହେଉଛି, ଏବଂ ଝଡ଼ ଏବଂ ଗରମ ତରଙ୍ଗ ବୃଦ୍ଧି ପାଇଛି। ତେଣୁ, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ମଧ୍ୟ ଜଳ ସୁରକ୍ଷାର ଏକ ଅଂଶ। ଆମ ଦେଶରେ, ଭାରତ ସରକାର ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେପରି - ଜଳ ଜୀବନ ମିଶନ, ନମାମି ଗଙ୍ଗେ ଯୋଜନା ଏବଂ ଅଟଳ ଭୁଜଳ ଯୋଜନା ଭଳି ବିଭିନ୍ନ ଜଳ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି। ଏହି ସମସ୍ତ ପଦକ୍ଷେପ ଜଳ ସଂରକ୍ଷଣ ଏବଂ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ। ଜଳ ସୁରକ୍ଷା ସରକାରଙ୍କ ଏକମାତ୍ର ଦାୟିତ୍ୱ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ଏଥିରେ ଭୂମିକା ଗ୍ରହଣ କରିବା ଉଚିତ। ଉଦାହରଣ ସ୍ୱରୂପ, ପରିବାରର ଜଳ ବ୍ୟବହାର ହ୍ରାସ କରିବା ଉଚିତ୍ , ପୋଖରୀ ଏବଂ ନଦୀ ସଫା କରିବାରେ ଅଂଶଗ୍ରହଣ କରିବା ଉଚିତ୍ , ଗଛ ଲଗାଇବା ଆବଶ୍ୟକ ଏବଂ ସଚେତନତା ଅଭିଯାନରେ ଅଂଶଗ୍ରହଣ କରିବା ଆବଶ୍ୟକ । ଜଳ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ। ଯଦି ଆମେ ଏହି ବିଷୟରେ ଏବେ ପଦକ୍ଷେପ ନନେବୁ, ତେବେ ଭବିଷ୍ୟତରେ ଜଳ ଅଭାବ ଏକ ଗମ୍ଭୀର ସମସ୍ୟା ହୋଇପଡ଼ିବ। ତେଣୁ ସଠିକ୍ ପଦକ୍ଷେପ ଏବଂ ସଚେତନତା ସହିତ, ଆମେ ଜଳ ସମ୍ପଦକୁ ସୁରକ୍ଷା ଦେଇପାରିବା। ଯେପରି କୁହାଯାଏ, ଜଆଜିର ସଂରକ୍ଷଣ ଆଗାମୀର ଜୀବନ - ଏହି ମୌଳିକ ମନ୍ତ୍ରକୁ ମନରେ ରଖି ଆମେ ସମସ୍ତେ ଜଳ ସଂରକ୍ଷଣ ସହିତ ଆଗକୁ ବଢ଼ିବା ଉଚିତ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ -**
୮୨୪୯୫୦୨୭୭୬

# ପ୍ରକୃତି ସୁରକ୍ଷାରେ ଆଦିବାସୀ



**ଦଶରଥ ହେମ୍ବ୍ରମ୍**

ପ୍ରକୃତି କୋଳରେ ଜନ୍ମଲାଭ କରି ଘରଦ୍ୱାର କରି ରହିବା ଏବଂ ଗାଁ ଗଢ଼ି ସଭ୍ୟତା ଆରମ୍ଭ କରିଥିବା ପ୍ରଥମ ଅଧିବାସୀ ହେଉଛନ୍ତି ଆଦିବାସୀ। ହୋ ରୁ ଆରମ୍ଭ କରି ମୁଣ୍ଡା, ସାନ୍ତାଳ, ଶବର, କନ୍ଧ, ମାହାଲୀ, ବିରହଳ, ଓରାମ, କୋଲ୍ହ ପ୍ରଭୃତି ଆଦିବାସୀ ଶ୍ରେଣୀର ଲୋକମାନେ ଏଠାରେ ବସବାସ କରନ୍ତି। ମୁଖ୍ୟ ଚାଷ ଧାନ ସହିତ ଆଶୁ, ବାଜରା (ଝାଳା), ଗୁନ୍ଦୁଲି, ମାଣ୍ଡିଆ, ମକା, ରାଶି, କୋଳଥ, ହରଡ଼, ବିରି, ମୁଗ, ହଳଦି, ସୋରିଷ, ଅଦା ଆଦି ଚାଷ କରନ୍ତି। ତା’ ସହିତ ଗାଈ-ବଳଦ, ମଇଁଷି, ମେଣ୍ଢା, ଛେଳି, ଘୁଷୁରି, କୁକୁଡ଼ା, ବତକ ଓ ପାରା ମଧ୍ୟ ଘରେ ଚାଷ କରନ୍ତି। ଚାଷବାସ କାର୍ଯ୍ୟରେ ଗାଈ-ବଳଦ ଓ ମଇଁଷିମାନଙ୍କୁ ବ୍ୟବହାର କରାଯାଏ। ପ୍ରଥା ଓ ପରମ୍ପରା ଅନୁସାରେ ଆଦିବାସୀମାନେ ଜଙ୍ଗଲରୁ ଶିକାର କରନ୍ତି। ବାରହା (ବଣ ଘୁଷୁରି), କୁଟୁରା, ଠେକୁଆ, କଟାଶ, ନେଉଳ, ମୂଷା, ପକ୍ଷୀ ଶିକାର କରି ଘରକୁ ଫେରନ୍ତି। ସେମାନଙ୍କ ବିଶ୍ୱାସ ରହିଛି ଯେ, ଶିକାରୀଙ୍କ ଧନୁତୀରରେ ପଶୁପକ୍ଷୀ ଶିକାର ହୋଇ ରକ୍ତ ମାଟିରେ ପଡ଼ିଲେ ସେହି ବର୍ଷ ଶୁଭଦାୟକ ଏବଂ ଭଲ ବୃଷ୍ଟିପାତ ହୁଏ। କିନ୍ତୁ ଜଙ୍ଗଲକୁ ଶିକାର କରିବା ପୂର୍ବରୁ ଜଙ୍ଗଲ ଦେବତାଙ୍କୁ ଆରାଧନା କରିଥାନ୍ତି, ହିଂସ୍ର ବନ୍ୟଜନ୍ତୁ କବଳରୁ ରକ୍ଷା ପାଇବା ପାଇଁ ବିରବଙ୍ଗା (ଜଙ୍ଗଲ ଦେବତା)ଙ୍କ ପାଖରେ ପ୍ରାଥନା କରି ସମର୍ପଣ ହୁଅନ୍ତି। ନଈ, ନାଳ, ଝରଣା ଓ ପୋଖରୀରେ ମାଛ ଧରିବା ସେମାନଙ୍କ ଏକ ପ୍ରକାର ନିଆରା ପରମ୍ପରା ରହିଛି। ତେଣୁ ପ୍ରକୃତି ଓ ଆଦିବାସୀ ମଧ୍ୟରେ ଥିବା ସମ୍ପର୍କ ସଭ୍ୟତା ଆରମ୍ଭରୁ ରହିଛି, ଏଥିରେ କୌଣସି ଦ୍ୱିମତ ହେବାର ପ୍ରଶ୍ନ ହିଁ ନାହିଁ। ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ସନ୍ତାନ। ପ୍ରକୃତିକୁ ପିତା ଓ ମାତା ଭଳି ମାନନ୍ତି। ସୁରକ୍ଷା ଦିଅନ୍ତି ଏବଂ ପୂଜାପାର୍ବଣରେ ପ୍ରକୃତିକୁ ପୂଜା କରନ୍ତି। ଜନଜୀବନରେ ସେମାନଙ୍କର ଯେତିକି ଆବଶ୍ୟକତା ରହିଥାଏ, ତାହା ପ୍ରକୃତି ଉପରେ ହିଁ ନିର୍ଭର କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଖାଲି ସେତିକି ନୁହଁ, ପ୍ରକୃତି ସହିତ ରହିଛି ସେମାନଙ୍କର କଳା, ଭାସ୍କର୍ଯ୍ୟ, ସଂସ୍କୃତି, ଐତିହ୍ୟ, ପ୍ରଥା-ପରମ୍ପରା, ରୀତିନୀତି, ପ୍ରଚଳିତ ସାମାଜିକ ବ୍ୟବସ୍ଥା ଓ ଇତିହାସ, ଯାହା ଆଦିବାସୀଙ୍କ ଜୀବନ ବା କଲିଜା କୁହାଯାଏ। ଏସବୁ ଛାଡ଼ି ଆଦିବାସୀମାନେ କେବେ ଏକା ବଞ୍ଚି ପାରନ୍ତି ନାହିଁ, ଯଦିବି ଏସବୁ ଛାଡ଼ି ଯେଉଁମାନେ ବଞ୍ଚୁଛନ୍ତି ସେମାନଙ୍କ କିଛି ନା କିଛି ନିଜ ନିଜର ସ୍ୱାର୍ଥରେ ବୁଡ଼ି ରହନ୍ତି ଅର୍ଥାତ ଲୋଭ-ଲାଳସାରେ ବଶବର୍ତ୍ତୀ ହୋଇ ନିଜ ସଂସ୍କୃତି, ପରମ୍ପରା ଓ ସାମାଜିକ ବ୍ୟବସ୍ଥାଠାରୁ ଦୂରେଇ ଯାଆନ୍ତି ଏବଂ ଆଦିବାସୀର ପରିଚୟ ଓ ଅସ୍ମିତା ଧ୍ୱଂସ ଆଡ଼କୁ ଠେଲି ଦିଅନ୍ତି। ଆଦିବାସୀମାନେ କୁହନ୍ତି ’ପ୍ରକୃତି ହେଉଛି ଆମର ଦେବତା’। ଆମେ ଏହାର ସୁରକ୍ଷା କରୁଛୁ, ଏଠି ଟଙ୍କା ପାଇଁ ନୁହେଁ, ବରଂ ଆମର ସାମାଜିକ, ସଂସ୍କୃତି, ପରମ୍ପରା ଓ ସହାବସ୍ଥାନ ପାଇଁ’। ପୁଣି ସେମାନଙ୍କ ଉକ୍ତିରୁ ଜଣାଯାଏ ’ଯଦି ପ୍ରକୃତି ସଂରକ୍ଷଣ ହୋଇ ରହିବ, ତେବେ ଆମେ ମଧ୍ୟ ସୁରକ୍ଷିତ ହୋଇ ବଞ୍ଚିବୁ। ଯଦି ଆମେ ବଞ୍ଚିବୁ, ତେବେ ପ୍ରକୃତି ମଧ୍ୟ ହସିବ, ବଢ଼ିବ ଏବଂ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି କରିବ’। ଏସବୁ ଅର୍ଥରୁ ସ୍ପଷ୍ଟ କରେ ଯେ, ପ୍ରକୃତରେ ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀ ହିଁ ସର୍ବାଗ୍ରେ। ଆହୁରି ଆମକୁ ମନେ ପକାଇ ଦିଏ ଯେ, ବୈଦେଶିକ କବଳରୁ ପ୍ରକୃତିକୁ ରକ୍ଷା କରବା ପାଇଁ ଆଦିବାସୀମାନେ ପ୍ରଥମ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଉଠାଇଥିଲେ ଏବଂ ବାହ୍ୟଶତ୍ରୁ ସହିତ ଲଢ଼େଇ କରି ପ୍ରକୃତିକୁ ସୁରକ୍ଷା ଦେଇଥିଲେ। ଦୁଃଖର ବିଷୟ ଏୟା ଯେ, ଅନେକ ଆଦିବାସୀ ଯୋଦ୍ଧା ଏ ମାଟି-ପାଣି-ଜଙ୍ଗଲ ପାଇଁ ସହିଦ ହୋଇଛନ୍ତି କିନ୍ତୁ ବିଦେଶୀମାନଙ୍କ ଆଗରେ କେବେ ମୁଣ୍ଡ ନୁଆଇ ନଥିଲେ କିମ୍ବା ଗୁଲାମଗିରି କରିନଥିଲେ। ଏଥିପାଇଁ ତ କୁହାଯାଏ ’ପ୍ରକୃତିର ପ୍ରକୃତ ବନ୍ଧୁ ହିଁ ଆଦିବାସୀ’। ସେମାନେ ପ୍ରକୃତି ସହିତ ଏତେ ନିବିଡ଼ ଯେ ଏସବୁ ଛାଡ଼ି ପାରିବେ ବା କେମିତି ? ଦେଶ ସ୍ୱାଧୀନ ହେବାର ଅନେକ ବର୍ଷ ବିତିଗଲାଣି, ତଥାପି ଆଦିବାସୀମାନେ ପ୍ରକୃତି କୋଳରେ ରହି ହସଖୁସିରେ ଜୀବନ ବିତାଉଛନ୍ତି। ବିଜ୍ଞାନର ଜୟଯାତ୍ରା ଯୋଗୁଁ ମଣିଷ ଚନ୍ଦ୍ରପୃଷ୍ଠରେ ପହଞ୍ଚିମଙ୍ଗଳ ଗ୍ରହରେ ଘର କରିବାକୁ ସ୍ୱପ୍ନ ଦେଖିଲାଣି। ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ବର୍ତ୍ତମାନ ରାଷ୍ଟ୍ର ଅଗ୍ରଗତି କରିଚାଲିଛି। ଶିକ୍ଷା-ଦୀକ୍ଷାରେ ଅନ୍ୟ ବର୍ଗର ଲୋକମାନେ ଆଗକୁ ଯାଇ ବିଶ୍ୱକୁ ନିଜ ହାତର ନିୟନ୍ତ୍ରଣ ରଖିଛନ୍ତି। ସମୟ ସହ ପରିବେଶ ବଦଳିଛି ଏବଂ ମଣିଷ ମଧ୍ୟ ବଦଳି ଯାଇଛି ବୋଲି ଭାବିବା ଉଚିତ। ହେଲେ ବଦଳି ନାହାନ୍ତି ସେଇ ଆଦିବାସୀମାନେ। ସେମାନେ ଭୁଲି ନାହାନ୍ତି ଜୀବନ ଜୀବିକା ଆଉ ସଂସ୍କୃତିକୁ, ସଭ୍ୟତା ଆରମ୍ଭରୁ ଯେମିତି ଥିଲେ ଆଜି ମଧ୍ୟ ଠିକ୍ ସେମିତି ଅଛନ୍ତି। ପ୍ରତିଦିନ ସହରୀ ଲୋକଙ୍କ ସହିତ ଦେଖା-ସାକ୍ଷାତ, କଥାବାର୍ତ୍ତା ଓ ଉତ୍ତମ ସମ୍ପର୍କ ମଧ୍ୟ ରହୁଛି। ତଥାପି ସେମାନେ ଶାଗ, ପଖାଳ ଖାଇବାକୁ ଭଲ ପାଇବା ଆଉ ନୃତ୍ୟଗୀତ କରି ଜୀବନକୁ ହସ-ଉଲ୍ଲାସରେ ଅତିବାହିତ କରିବା ଏକ ପ୍ରକାର ଅନନ୍ୟ ପରମ୍ପରା କିନ୍ତୁ ଭବିଷ୍ୟତକୁ ପ୍ରାଧାନ୍ୟ କାହିଁକି ଦିଅନ୍ତି ନାହିଁ, ସେଇ କଥା ସେମାନେ ହିଁ ଜାଣିଛନ୍ତି। ଯାହାବି ହେଉ ଆଜି ଦେଶରେ ଆଦିବାସୀ ଅଛନ୍ତି ବୋଲି ଶୋଭାମୟ ପ୍ରକୃତି ସୁସଜ୍ଜିତ ହୋଇ ରହିଛି। ସାଂପ୍ରତିକ ପରିସ୍ଥିତିରେ ଲୋକମାନେ ଅଧିକ ରୋଜଗାର ପାଇଁ ଗାଁ ଛାଡ଼ି ସହରକୁ ଯାଉଛନ୍ତି। ସେଠାରେ ରହି ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି। ସେମାନଙ୍କର ପିଲାଛୁଆଙ୍କୁ ବଡ଼ ବଡ଼ ଚାକିରି ନିଶାରେ ଅଜସ୍ର ପଇସା ଖର୍ଚ୍ଚ କରି ପାଠ ପଢ଼ାଉଛନ୍ତି। ଆଉ ଯୁବପିଢ଼ିମାନେ ଅର୍ଥ ରୋଜଗାର ନିଶାରେ ଅନର୍ଥ ହୋଇ ନିଜକୁ ଭୁଲି ଯାଉଛନ୍ତି, ଦୂରେଇ ଯାଉଛନ୍ତି ନିଜ ସମ୍ପର୍କୀୟଙ୍କଠାରୁ, ଏମିତିକି ନିଜ ଜନ୍ମ ଦେଇଥିବା ପିତା ଓ ମାତାଙ୍କ ଠାରୁ ମଧ୍ୟ। ସେମାନଙ୍କୁ ସମୟ ଦେଇପାରୁ ନାହାନ୍ତି। ପରେ ନିଜ ଭାଗ୍ୟକୁ ଦୋଷ ଦିଆଯାଏ। ହେଲେ ଆଦିବାସୀମାନେ ଏହିପରି ପରିବେଶରୁ ସମ୍ପୂର୍ଣ୍ଣ ଅଲଗା। ସେମାନେ ଗାଁ ବ୍ୟବସ୍ଥା ଅନୁସାରେ ଗାଁ ମୁଖିଆଙ୍କୁ ଏବେବି ସମ୍ମାନ ଦିଅନ୍ତି। ଉଚିତ କଥାରେ ସମର୍ଥନ କରି ତାଙ୍କ କଥାକୁ ମାନି ଚଳନ୍ତି ଆଉ ଆଦର୍ଶ ଗ୍ରାମ ଗଠନ କରିବାର ରାସ୍ତା ଫିଟେ। ସ୍ୱତନ୍ତ୍ର ବ୍ୟବସ୍ଥା ଭିତରେ ଆଦିବାସୀମାନେ ରହିବାକୁ ପସନ୍ଦ କରନ୍ତି କିନ୍ତୁ କାହାରି ଗୋଲାମୀ କାରବାକୁ ନାପସନ୍ଦ କରନ୍ତି। ସ୍ୱାଭିମାନ ସହିତ ବଞ୍ଚିବାକୁ ସେମାନେ ଭଲ ପାଆନ୍ତି। କଷ୍ଟ କରି ରୋଜଗାର କରନ୍ତି, ଯେତିକି ଯାହା ମିଳିଲା ସେଥିରେ ସନ୍ତୁଷ୍ଟ ହୁଅନ୍ତି ଓ ଶାନ୍ତିରେ ରୁହନ୍ତି ନିଜ ପରିବାର ସହିତ, ଯାହା ସାମାଜିକ ବ୍ୟବସ୍ଥା ବିଦିତ। ଧନ-ସମ୍ପତ୍ତିରେ ସେମାନେ ଗରିବ ହୋଇପାରନ୍ତି କିନ୍ତୁ ଆଚରଣ, ଶିଷ୍ଟାଚାର, ସଂସ୍କାର, ନମ୍ର, ସରଳ, ଭଦ୍ର ସ୍ୱଭାବରେ ସେମାନେ ସବୁବେଳେ ଧନୀ। କାହାକୁ କଟାକ୍ଷ କରିବା, ଠକିବା, ମିଛ କହିବା, କଟୁ ସମାଲୋଚନା କରିବା ଭଳି ଆଚରଣ ଓ ଉଚ୍ଚାରଣ ସେମାନଙ୍କ ପାଖରେ ନାହିଁ, ତା’ଠାରୁ ସେମାନେ ଦୂରତା ଅବଲମ୍ବନ କରନ୍ତି। ନିଜର ସ୍ୱତନ୍ତ୍ରତାକୁ ବଜାୟ ରଖି ଆଦିବାସୀମାନେ ସଭ୍ୟତା ଆରମ୍ଭରୁ ମାଟି, ଗଛ, ପଥର, ପାହାଡ଼, ପର୍ବତ, ଝରଣା, ନଦୀ, ସୂର୍ଯ୍ୟ, ଆକାଶ, ଜହ୍ନକୁ ପୂଜା କରନ୍ତି। କାରଣ ମାଟି ମା’ର କୋଳ, ଗଛ, ଜଙ୍ଗଲ, ପାହାଡ଼ ଓ ପର୍ବତରୁ ଖାଦ୍ୟ ସଂଗ୍ରହ, ଝରଣା ଓ ନଦୀରୁ ପାଣି, ସୂର୍ଯ୍ୟ, ଚନ୍ଦ୍ର ଓ ଆକାଶରୁ ଆଲୋକ ପାଇ ବଞ୍ଚିବା ଶିଖନ୍ତି ଓ ପଥରକୁ ସେମାନେ ଦେବତା ମାନନ୍ତି। ଏଥିରୁ ଅନୁମାନ କରିହେବ, ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀମାନଙ୍କ ଅବଦାନ ଅତୁଳନୀୟ। ଏହା ହିଁ ସେମାନଙ୍କ ସ୍ୱତନ୍ତ୍ର ପରିଚୟ ଆଉ ଆଦିବାସୀ ଅସ୍ମିତା।

**ବାଲେଶ୍ୱର, ମୋ-**
**୯୩୩୭୪୦୪୨୫୪**

# ମାଲେରିଆ ଓ ଯକୃତ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୫ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଇପ୍‌ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି ।

**ଅବସର ପ୍ରାପ୍ତ ପ୍ରଫେସର୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

**ମାଲେରିଆ ଓ ଯକୃତ**

# ଲଣ୍ଡା ପାହାଡ଼ରେ ଥଣ୍ଡା ପାଣି,ପଥର ଖୋଳରୁ ବାହାରୁଛି

## ପ୍ରଶାସନର ପର୍ଯ୍ୟଟନ ବିକାଶ ଶୁଖିଯାଉଛି

**ବୌଦ୍ଧ :** ଗ୍ରୀଷ୍ମ ପ୍ରବାହରେ ସାରା ଓଡ଼ିଶା ଜଳୁଥିବା ବେଳେ ବୌଦ୍ଧ ଜିଲ୍ଲାରେ ତାପମାତ୍ରା ୪୨ ଡିଗ୍ରୀ ଉପରକୁ ପହଞ୍ଚିଛି। ଖରାର ପ୍ରକୋପ ମଧ୍ୟରେ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ବୌଦ୍ଧ ଜିଲ୍ଲାର ଏକ ଲଣ୍ଡା ପାହାଡ଼ ଉପରୁ ଥଣ୍ଡା ପାଣି ବାହାରୁଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବର୍ଷ ବର୍ଷ ଧରି ଏହି ପାଣି ନିରନ୍ତର ଭାବେ ବାହାରୁଥିବା ସ୍ଥାନୀୟ ଲୋକ କହୁଛନ୍ତି। ଏହି ଦୃଶ୍ୟ ବୌଦ୍ଧ ଜିଲ୍ଲା ବସନ୍ତବାହାଲ ଗ୍ରାମ ଅନ୍ତର୍ଗତ ଟାଙ୍ଗରପାଲି ଅଞ୍ଚଳର ଲଣ୍ଡା ଟାଙ୍ଗରା ପାହାଡ଼ର। ସମତଳ ଅଞ୍ଚଳ କିମ୍ବା ନଦୀ କୂଳ ନୁହେଁ, ବରଂ ପଥର ଫାଟ ମଧ୍ୟରୁ ବାହାରୁଛି ଶୀତଳ ପାଣି। କଥାଟି ମିଛ ଲାଗୁଥାଇ ପାରେ କିନ୍ତୁ ସତ୍ୟ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ପାଣି ଦୀର୍ଘ ବର୍ଷ ଧରି ଦୁଇଟି ସ୍ଥାନକୁ ବୋହି ଯାଉଛି ଓ ତୀବ୍ର ଖରା ସମୟରେ ମଧ୍ୟ ଏହା କେବେ ଶୁଖି ନଥାଏ। ପାହାଡ଼ ଉପରେ ଅବସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ଏହି ପାଣି ପୂଜା କାର୍ଯ୍ୟରେ ମଧ୍ୟ ବ୍ୟବହୃତ ହୋଇଥାଏ। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ, ପୂର୍ବରୁ ଏଠାରେ ମୁନି ଋଷିମାନେ ଇନ୍ଦ୍ରଦେବଙ୍କ ପୂଜା କରୁଥିଲେ। ତେଣୁ ଖରା ସମୟରେ ମଧ୍ୟ ପାଣି ନ ଶୁଖିବାକୁ ସେମାନେ ବାବାଙ୍କ ଆଶୀର୍ବାଦ ଓ ଏକ ଅଲୌକିକ ଘଟଣା ବୋଲି ମନେ



କରୁଛନ୍ତି। ଏପରିକି ବିଭିନ୍ନ ଚର୍ମ ରୋଗ ପାଇଁ ଉକ୍ତ ପାଣି କୁ ଲୋକମାନେ ବ୍ୟବହାର କରନ୍ତି ବୋଲି ମତ ଦିଅନ୍ତି ! ତେବେ ଏହି ପାହାଡ଼ ଭିତରୁ କିପରି ନିରନ୍ତର ପାଣି ବାହାରୁଛି, ତାହାର ବୈଜ୍ଞାନିକ ଗବେଷଣା ହେଲେ ପ୍ରକୃତ କାରଣ ସାମ୍ନାକୁ ଆସିପାରିବ। ଅନ୍ୟପଟେ ବୌଦ୍ଧ ଜିଲ୍ଲାରେ ଅନେକ ପର୍ଯ୍ୟଟନ ସ୍ଥଳୀ ଥିବା ସତ୍ତ୍ୱେ ଏଭଳି ସ୍ୱତନ୍ତ୍ର ସ୍ଥାନ ଏବେ ମଧ୍ୟ ଅବହେଳିତ ରହିଛି। ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଇ ଗବେଷଣା ସହ ଉନ୍ନୟନ କଲେ, ଭବିଷ୍ୟତରେ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ ହୋଇପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ସୁଝାଇବା ଓ ଶିଶୁ ସେବିକା ନିଯୁକ୍ତିରୁ ବଞ୍ଚିତ କରିବା ପାଇଁ ଗାଁ କୁ ପରିବର୍ତ୍ତନ କଲେ ଶିକ୍ଷକ

**ବାଲେଶ୍ୱର :** ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତର ବେତନା ଗ୍ରାମ । ଏହି ଗ୍ରାମର ଦେବେନ୍ଦ୍ର ମୁଖି ଜଣେ ହରିଜନ ସଂପ୍ରଦାୟ ର ହୋଇଥିବା ବେଳେ, ଦୀର୍ଘ ବର୍ଷ ନିଜ ସ୍ତ୍ରୀ ଓ ପିଲାଙ୍କୁ ନେଇ ରହୁଛନ୍ତି। ବେତନା ଗ୍ରାମର ଭୋଟର ତାଲିକାରେ ପରିବାର ସଦସ୍ୟଙ୍କ ନାଁ ରହିଥିବା ବେଳେ, ସମସ୍ତ ସରକାରୀ ଡକ୍ୟୁମେଣ୍ଟ ରେ ମଧ୍ୟ ବେତନା ଗ୍ରାମ ଉଲ୍ଲେଖ ରହିଛି। ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ମଧ୍ୟ ବେତନା ଗ୍ରାମର ବାସିନ୍ଦା ଭାବରେ ପାଇଛନ୍ତି। ତେବେ ସେହି ହରିଜନ ପରିବାର ପାଇଁ ଜନଗଣନା ଏକ କାଳ ଭାବରେ ଛିଡା ହୋଇଛି।ନିଜ ଠିକଣା ହଜେଇ ଦେବାର ଷଡଯନ୍ତ୍ର ହେଉଛି। ଜନୈକ ଗଣନାକାରୀ ଶିକ୍ଷକଙ୍କ ପୂର୍ବ ରାଗ ଓ ଶିଶୁ ସେବିକା ନିଯୁକ୍ତିରୁ ବଞ୍ଚିତ କରିବା ପାଇଁ କ୍ଷମତାର ଅପବ୍ୟବହାର କରିଥିବା ଦମ୍ପତି ଦ୍ୱୟ ଅଭିଯୋଗ କରିଛନ୍ତି। ତେବେ ବେତନା ଗ୍ରାମର ହରପ୍ରସାଦ ସରକାରୀ ନୋଡାଲ ବିଦ୍ୟାଳୟର ସହକାରୀ ଶିକ୍ଷକ ଅରୁଣ କୁମାର ପତି ଜନଗଣନା କାର୍ଯ୍ୟରେ ଏନୁମେରେଟର୍ ଭାବରେ କାର୍ଯ୍ୟ କରୁଥିବା ବେଳେ, ଦେବେନ୍ଦ୍ର ମୁଖି ଙ୍କ ପରିବାରର ଘରକୁ ପଡ଼ୋଶୀ ତାରାପୁର ଗ୍ରାମର ଦର୍ଶାଇଛନ୍ତି। ଫଳରେ ପରିବାରର ଠିକଣା ବେତନା ବଦଳରେ ଭବିଷ୍ୟତରେ ତରାପୁର ଗ୍ରାମର ବୋଲି ଗଣାଯିବ। ଏଠାରେ ସୂଚନାଯୋଗ୍ୟ ଶିକ୍ଷକ ଅରୁଣ କୁମାର ପତି ଙ୍କ ସହିତ ପିଡିତ ଦମ୍ପତି ଙ୍କ ପୁଅର ଷ୍ଟାଇପେଣ୍ଟ ଟଙ୍କା ବାବଦକୁ ବିବାଦ ଆଗରୁ ରହିଥିଲା। ବର୍ତ୍ତମାନ ର ଏନୁମେରେଟର୍ ଶିକ୍ଷକ ଅରୁଣ କୁମାର ପତି, ୨୦୨୦ ମସିହାରେ ବର୍ତ୍ତମାନ ହରପ୍ରସାଦ ସ୍କୁଲରେ ପ୍ରଧାନଶିକ୍ଷକ ଦାୟିତ୍ୱ ରେ ରହିଥିବା ବେଳେ, ଦେବେନ୍ଦ୍ର ମୁଖି ଙ୍କ ପୁଅର ଷ୍ଟାଇପେଣ୍ଟ କରାଇବା ପାଇଁ ଅର୍ଥ ଦାବି କରିଥିଲେ। ତେବେ ଅର୍ଥ ଦେବାରେ ଅସମର୍ଥ ହେବାରୁ ଶିକ୍ଷକ ଅରୁଣ ପତି ତାଙ୍କ ପୁଅର ଷ୍ଟାଇପେଣ୍ଟ କରାଇନଥିଲେ।ଫଳରେ ଦେବେନ୍ଦ୍ର ମୁଖି ଶିକ୍ଷକଙ୍କ ବିରୋଧରେ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଓକିଲ ନୋଟିସ୍ ପଠାଇଥିଲେ। ଫଳରେ ବାଧ୍ୟ ହୋଇ ଶିକ୍ଷକ ଅରୁଣ ବିବାଦର ସମାଧାନ ପାଇଁ ନିଜ ପକେଟ୍ ରୁ ଷ୍ଟାଇପେଣ୍ଟ ଟଙ୍କା ଭରଣା କରିଥିଲେ। ଏହି ରାଗକୁ ସୁଝାଇବା ସହ ସ୍କୁଲରେ ଶିଶୁ ସେବିକା ନିଯୁକ୍ତିରୁ ଦେବେନ୍ଦ୍ର ଙ୍କ ସ୍ତ୍ରୀ ଇତିଶ୍ରୀ ଙ୍କୁ ବଞ୍ଚିତ କରିବା ପାଇଁ, ଶିକ୍ଷକ ଅରୁଣ ପତି ପରିବାରର ଠିକଣା ବଦଳାଇ ବେତନା ବଦଳରେ ତରାପୁର୍ କରିଦେଲେ। ତେବେ ଜନଗଣନା ଲୋକଙ୍କ ହୀତ ପାଇଁ ସରକାର କରୁ ଥିବାବେଳେ, ଗୋଟିଏ ପରିବାର ପାଇଁ ଏହା କାଳ ସାଜିଛି। ୨୦୧୧ ଜନଗଣନାରେ ଦେବେନ୍ଦ୍ର ଙ୍କ ପରିବାର ବେତନା ଗ୍ରାମର ଓ ଘର ନମ୍ବର ୦୦୧ ରେ ଗଣତି ହୋଇଥିଲା ବେଳେ ଏବେ କାହିଁକି ନୁହେଁ ? ତେବେ ନ୍ୟାୟ ପାଇଁ ହରିଜନ ଦମ୍ପତି ସରକାରଙ୍କ ଠାରେ ନିବେଦନ କରି ତାଙ୍କ ପରିବାରକୁ ବେତନା ଗ୍ରାମର ଗଣାଯିବାକୁ ଦାବି କରିଛନ୍ତି। ତେବେ ଶିକ୍ଷକଙ୍କ ମନମାନି ଯୋଗୁଁ ଗୋଟିଏ ହରିଜନ ପରିବାର ଆଜି ମାନସିକ ଯନ୍ତ୍ରଣା ପାଉଥିବା ବେଳେ, ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ମନ୍ଦିର ଘଣ୍ଟାକୁ କେନ୍ଦ୍ର କରି ଗଣ୍ଡଗୋଳ

## ୩ ଗିରଫ, ୨ ଫେରାର

**ଚିକିଟୀ :** ଗଞ୍ଜାମ ଜିଲ୍ଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଭୋଳାସିଙ୍ଗି ଗ୍ରାମର ଲକ୍ଷ୍ମୀ ନୃସିଂହନାଥ ମନ୍ଦିରରେ ଘଣ୍ଟା ସ୍ଥାପନକୁ କେନ୍ଦ୍ର କରି ଦୁଇ ପକ୍ଷ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଅନିଲ ସାହୁଙ୍କ ଦାନ କରାଯାଇଥିବା ୧୧.୫ କିଲୋ ପିତ୍ତଳ ଘଣ୍ଟିକୁ ମନ୍ଦିର କମିଟି ଟାଙ୍ଗିବାକୁ ମନା କରିବାରୁ ବିବାଦ ଆରମ୍ଭ ହୋଇଥିଲା। ଗତ ୧୪ ଓ ୧୬ ତାରିଖରେ ଉଭୟ ପକ୍ଷ




ମଧ୍ୟରେ ଦୁର୍ବ୍ୟବହାର ଓ ମାରପିଟ ଘଟିଥିବା ବେଳେ ଉଭୟ ପକ୍ଷ ମଦ୍ୟପାନ କରିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଏନେଇ କେ.ନୂଆଗାଁ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ପୋଲିସ ଘଟଣାରେ ରତ୍ନାକର ସାହୁ ଓ ଅନିଲ ସାହୁଙ୍କ ସମେତ ତିନିଜଣଙ୍କୁ ଗିରଫ କରି ପାଟପୁର ଜେଏମଏଫସି କୋର୍ଟକୁ ଚାଲାଣ କରିଥିବା ବେଳେ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ଓ ସୁଭମ ପାଣିଗ୍ରାହୀ ଫେରାର ଅଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।

# ରେଲୱେ ଓଭରବ୍ରିଜ୍‌ର ସୁରକ୍ଷା କାହା ହାତରେ !

- ପ୍ରଶାସନ ଜାଣି ନୀରବ ଦ୍ରଷ୍ଟା
- ପୂର୍ତ୍ତବିଭାଗର ଆନ୍ତରିକ ତା ଅଭାବ
- ଠିକାଦାରର ଅବହେଳା

**ବଲାଙ୍ଗିର :** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ରେଲୱେ ଓଭରବ୍ରିଜ୍ ଉପରେ ଥିବା କଂକ୍ରିଟ ରାସ୍ତା ଭାଙ୍ଗି ଲୁହା ଛଡ଼ ବାହାରି ପଡ଼ିଥିବାରୁ ପ୍ରତିଦିନ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି। ବିଶେଷ କରି ଦୁଇଚକିଆ ଯାନ ଚାଳକମାନେ ଅଧିକ ସମସ୍ୟାରେ ପଡୁଛନ୍ତି। ରାତି ସମୟରେ ଛଡ଼ ସ୍ପଷ୍ଟ ଭାବେ ଦେଖାଯାଉନଥିବାରୁ ଅନେକେ ହଠାତ୍ ବ୍ରେକ୍ ମାରି ଖସି ପଡୁଥିବା ଦେଖିବାକୁ ମିଳିଛି।ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ଓଭରବ୍ରିଜ୍ ର ଏହି ଅଂଶ ଭାଙ୍ଗି ରହିଥିଲେ ମଧ୍ୟ ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ମରାମତି କାମ କରାଯାଇନାହିଁ।



ଯାତାୟାତ ବଢୁଥିବା ସମୟରେ ଏହା ଗୁରୁତର ଦୁର୍ଘଟଣାର କାରଣ ହେବାର ଆଶଙ୍କା ରହିଛି। ଏହା ଥିଲା ଟିଟିଲାଗଡ ବାସିନ୍ଦା ପାଇଁ ସ୍ୱପ୍ନ ର ଉପଯୁକ୍ତ ବ୍ରିଜ୍ ଏବଂ ଦୁଇ ଭାଗରେ ବିଭକ୍ତ ହୋଇ ଥିବା ସହର କୁ ଗୋଟେ ରେ ପରିଣତ କରୁଥିବା ବ୍ରିଜ୍। ତେଣୁ ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ମରାମତି କାମ କରିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରୁଛନ୍ତି।

# ବସ୍ତା ମଣ୍ଡଳ ବିଜେପିର ମିଶ୍ରଣ ପର୍ବ

**ବସ୍ତା :** ମଣ୍ଡଳ ସଭାପତି ପ୍ରସନ୍ନ ପଣ୍ଡାଙ୍କ ଅଧକ୍ଷତାରେ ପତ୍ରଝଡା ପଞ୍ଚାୟତ ସୁଷମା ନାୟକଙ୍କ ନେତୃତ୍ୱରେ ୧୦୦ ରୁ ଉର୍ଦ୍ଧ ନେତା ଓ କର୍ମୀ ବିଜେଡି ଓ କଂଗ୍ରେସ ପରିବାର ଛାଡି ଆଜି ଭାରତୀୟ ଜନତା ପାର୍ଟିର ସୁଶାସନ ଗରିବ କଲ୍ୟାଣ ମୋଦୀ ଜିଙ୍କ ରାଷ୍ଟ୍ରନିତି ଏବଂ ସର୍ବପରି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କର ନିର୍ମଳ ଭାବମୁର୍ତି ଏବଂ ଲୋକାଭିମୁଖି କାର୍ଯ୍ୟକ୍ରମ ରେ ଅନୁ ପ୍ରାଣିତ ହୋଇ ଆଜି ବିଜେପି ପରିବାର ରେ ସାମିଲ ହେଲେ । ସମସ୍ତ ନବାଗତ ସଦସ୍ୟ ମାନଂକୁ ଜିଲ୍ଲା ସଭାପତି ଡ. ପ୍ରଦୀପ କୁମାର ପଣ୍ଡା ଏବଂ ବସ୍ତା ବିଜେପି ନେତା ରବୀନ୍ଦ୍ରନାଥ ଅଣ୍ଡିଆ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଛ୍ହ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ମଣ୍ଡଳ ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ପଞ୍ଚାୟତ



କାର୍ଯ୍ୟକାରୀ ସଭାପତି ଭବାନୀ ସେନାପତି , ବସ୍ତା ମିଡ଼ିଆ ସଂଜଜୋକ ଇ.ଦିବାକର ରାଉତ , ମନୋଜ ବେହେରା , ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସରୋଜ ଗିରି,ତାରାକାନ୍ତ ପାଣି, ଗୋବିନ୍ଦ ବଲଭ ଗିରି, ବିଶ୍ୱନାଥ ସିଂ, କରୁଣାକର ପରିଡା, ଗୋକୁଳ ଜେନା ମଂଜୁରା ଦେହୁରୀ, ତପି ମୁର୍ମୁ ଙ୍କ ସହିତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଜିଲ୍ଲା ସଭାପତି ନାରୀ ଶକ୍ତି ରାଷ୍ଟ୍ର ଶକ୍ତି ନାରା ଦେଇ ରାଷ୍ଟ୍ର ପାଇଁ ନାରୀ ଶକ୍ତି ର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ।

# ବ୍ରାହ୍ମଣୀ ନଦୀରେ ବୁଡ଼ି ଯାଇ ନିଖୋଜ ଥିବା ଯୁବକଙ୍କ ମୃତ ଦେହ ଉଦ୍ଧାର



**ବଣାଇ :** ବଣେଇ ନର୍ସରୀ ନିକଟ ବ୍ରାହ୍ମଣୀ ନଦୀକୁ କିଛି ସାଙ୍ଗ ଆଜି ଗାଧୋଇବାକୁ ଯାଇଥିବା ବେଳେ ଦୁଇ ଜଣ ଯୁବକ ପାଣିରେ ଭାସୀ ଯାଇଥିଲେ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଯୁବକକୁ ଉଦ୍ଧାର କରା ଯାଇଥିବା ବେଳେ ଆଉ ଜଣେ ଯୁବକ ନିଖୋଜ ଥିବା ଜଣା ପଡିଛି। ଏନେଇ ବଣେଇ ପୋଲିସ ଏବଂ ଅଗ୍ନିଶମ ବିଭାଗ କୁ ସୂଚନା ଦେବା ପରେ ବଣେଇ ଅଗ୍ନିଶମ ବାହିନୀର କର୍ମଚାରୀ ଓ ଲହୁଣୀପଡ଼ା ଅଗ୍ନିଶମ ବାହିନୀର କର୍ମଚାରୀଙ୍କ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ଦିର୍ଘ ଚାରି ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଖୋଜ ଯୁବକଙ୍କ ମୃତ ଦେହ ଉଦ୍ଧାର। ନିଖୋଜ ଯୁବକ ଜଣକ ଦେବଗଡ଼ ଜିଲ୍ଲା ପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ରତନପାଲି ଗ୍ରାମର ଆଶିଷ ପ୍ରଧାନ ବୋଲି ଜଣା ପଡ଼ିଛି । ସେ ବରସୁଆଁ ସ୍ଥିତ ଆଦାନୀ କମ୍ପାନୀରେ ଚାକିରୀ କରୁଥିଲେ ଆଜି ଛୁଟି ଥିବାରୁ ସେ ବଣେଇ ନିଜ ସମ୍ପର୍କୀୟ ଘରକୁ ବୁଲିବା ପାଇଁ ଆସିଥିଲେ ।

# ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ପୂର୍ଣ୍ଣାଙ୍ଗ ଟିମ୍ ଘୋଷୋଣା

**ବାଲେଶ୍ୱର :** ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ କୃଷକମୋର୍ଚ୍ଚା ଜିଲ୍ଲା ସଭାପତି ଏକ ପ୍ରେସ ବିବୃତିରେ ତାଙ୍କର ପୂର୍ଣ୍ଣାଙ୍ଗ ଟିମ୍ ଘୋଷୋଣା କରିଛନ୍ତି। ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଜିଲ୍ଲା କୃଷକମୋର୍ଚ୍ଚା ସଭାପତି ତାପସ କୁମାର ମହାନ୍ତି ୬ଜଣ ଉପସଭାପତି ୨ଜଣ ସାଧାରଣ ସମ୍ପାଦକ ୬ଜଣ ସମ୍ପାଦକ ଜଣେ କୋଷାଧକ୍ଷ ୧୫ ଜଣ କାର୍ଯ୍ୟକାରୀଣି ସଦସ୍ୟ ଓ ୩୩ ଜଣ ମଣ୍ଡଳ ସଭାପତିଙ୍କ ସମେତ ୬ଜଣ ପ୍ରକୋଷ୍ଠ ସଂଯୋଜକ ଯଥା ଗଣମାଧ୍ୟମ,ସାମାଜିକ ଗଣ ମାଧ୍ୟମ, ଆଇଟି ସେଲ୍ ର ସଂଯୋଜକ ଓ ସହ ସଂଯୋଜକ ଙ୍କ ନାମ ଘୋଷୋଣା କରିଛନ୍ତି। ଏହି ପ୍ରେସ ବିବୃତିରେ କୃଷକମୋର୍ଚ୍ଚା ସଭାପତି ଶ୍ରୀଯୁକ୍ତ ମହାନ୍ତି ରାଜ୍ୟ




ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ଶେଖର ପାଢୀ, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ସମସ୍ତ ବିଧାୟକ ଓ ବିଧାୟକ ପ୍ରାର୍ଥୀଙ୍କୁ ଟିମ୍ ଗଠନ କରିବାରେ ସହଯୋଗ ଓ ସହମତି ପାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଆଗାମୀ ଦିନରେ କୃଷକ ମୋର୍ଚ୍ଚାର ଆଭିମୁଖ୍ୟ ବିଷୟରେ ସେ କହିଥିଲେ। ତତ୍ସହିତ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଆଗାମୀ ୧୯ ଓ ୨୦ ତାରିଖରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷିଣ ଶିବିର ବିଷୟରେ ସମସ୍ତ ଗଣମାଧ୍ୟମ ବନ୍ଧୁ ମାନଙ୍କୁ ଆମନ୍ତ୍ରଣ କରିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବୈରାଗୀ ଚରଣ ବେହେରା, ଜିଲ୍ଲା ଗଣ ମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହ ସଂଯୋଜକ ରଣଜିତ୍ ପୃଷ୍ଟି, ଜିଲ୍ଲା କୃଷକ ମୋର୍ଚ୍ଚା ଗଣମାଧମ ସଂଯୋଜକ ମହେଶ ମଲ୍ଲିକ୍ ପ୍ରମୁଖ ମଞ୍ଚାସୀନ ଥିଲେ।

# ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ସ୍ମୃତି ସମାରୋହ

**ବ୍ରହ୍ମପୁର :** ଦକ୍ଷିଣାଞ୍ଚଳର ସ୍ୱନାମଧନ୍ୟ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜ ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ଐତିହାସିକ ଉତ୍କଳ ଆଶ୍ରମ ସଭାଗୃହରେ ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ସ୍ମୃତି ସମାରୋହ ଏକ ଭବ୍ୟ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଆମନ୍ତ୍ରିତ ଅତିଥିମାନେ ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଏହି ସ୍ମୃତି ସମାରୋହରେ ପୌରୋହିତ୍ୟ କରିଥିଲେ । ବିଶିଷ୍ଟ ବାଗ୍ମୀ ରାଜନୀତି ବିଜ୍ଞାନ ବିଶାରଦ ପ୍ରଫେସର୍ ବିଷ୍ଣୁଚରଣ ଚୌଧୁରୀ ମୁଖ୍ୟଅତିଥି ରୂପେ ଯୋଗଦେଇ କବିରାଜ ପଣ୍ଡିତ ଅନନ୍ତ ତ୍ରିପାଠୀଶର୍ମାଙ୍କ ବହୁମୁଖୀ ମହନୀୟ ବ୍ୟକ୍ତିତ୍ୱ ଓ ରାଜନୀତିକ ଜୀବନ ସଂପର୍କରେ ବକ୍ତବ୍ୟ



ପ୍ରଦାନ କରିଥିଲେ । ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ମହନ୍ତ ହରିହର ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇ ସ୍ମୃତି-ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷ ସେ ତାଙ୍କ ବକ୍ତବ୍ୟରେ ପଣ୍ଡିତ ଶିରୋମଣିଙ୍କ ବହୁଶାସ୍ତ୍ରଦର୍ଶିତା, ପାଣ୍ଡିତ୍ୟ, ପ୍ରଜ୍ଞା, ସାହିତ୍ୟ କୃତି, ଅନୁବାଦ, ଟୀକା ଗ୍ରନ୍ଥ ପ୍ରଣୟନ, ପତ୍ରିକା ସମ୍ପାଦନା, ଅଧ୍ୟାପନା, ରାଜନୀତି ସଂପର୍କରେ ତଥ୍ୟପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ବକ୍ତା ରୂପେ ଗଞ୍ଜାମ ସଂସ୍କୃତିର ଜଣାଶୁଣା ଗବେଷକ ଡ. ଅନନ୍ତରାମ କର କୌଣ୍ଡିନ୍ୟ ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀଶର୍ମାଙ୍କ ସାରସ୍ୱତ କୃତି, ଆୟୁର୍ବେଦ ଜ୍ଞାନ ଓ ଅଧାପନା ଜୀବନ ବିଷୟରେ କହିଥିଲେ। ଏହି ସମାରୋହରେ କଳିଙ୍ଗ ସାହିତ୍ୟ ସମାଜର ତ୍ରୟ-ମାସିକ ପତ୍ରିକା 'କଳିଙ୍ଗର ସ୍ୱର'ର ମହାବିଷୁବ ସଂଖ୍ୟା ଅତିଥିମାନଙ୍କ କରକମଳରେ ଲୋକାର୍ପଣ କରାଯାଇଥିଲା। ଅନୁରୂପ ଭାବରେ ମହନ୍ତ ହରିହର ଦାସଙ୍କ ଦ୍ୱାରା ପ୍ରସ୍ତୁତ 'ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀଶର୍ମା' ଜୀବନୀ ପୁସ୍ତିକା ଏବଂ କନିଷ୍ଠି ବିଶ୍ୱନାଥ ଉଚ୍ଚ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ରଙ୍କ ବିରଚିତ କବିତା ସଂକଳନ 'ସ୍ମରଣିକା'ର ଅନାବରଣ କରାଯାଇଥିଲା । ସାହିତ୍ୟ ସମାଜ କାର୍ଯ୍ୟକାରିଣୀର ବରିଷ୍ଠ ସଦସ୍ୟ ଡ. କୁଳମଣି ଓଝା ଏହି ସ୍ମୃତି ସମାରୋହର ସଂଚାଳନା କରିଥିଲେ । କୋଷାଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ହୃଷୀକେଶ ପଣ୍ଡା ମଞ୍ଚ ଆମନ୍ତ୍ରଣ କରିଥିଲେ । ଡ. ଅଶୋକ କୁମାର ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କବି ମନୋରଞ୍ଜନ ପାଣିଗ୍ରାହୀ, ଅନୁପ କୁମାର ମିଶ୍ର, ଡ. ମନୋରଞ୍ଜନ ବିଷୋୟୀ, ଡ. ସୁଜିତ୍ କୁମାର ପଣ୍ଡା, ଦିନବନ୍ଧୁ ଶ୍ରୀପଲ୍ଲ ଓ ନଳିନୀକାନ୍ତ ଗୌଡ଼ ପ୍ରମୁଖ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ ।

# ବିକଟାଳ ଶବ୍ଦ କରୁଥିବା ୧୮ ବାଇକ୍‌ରୁ ସାଇଲେନ୍ସର ଜବତ

## ୨୭ ହଜାର ଜରିମାନା ଆଦାୟ

**ବାଲେଶ୍ୱର :** ବାଲେଶ୍ୱର ସହରରେ ଦିନକୁ ଦିନ ଅମାନିଆ ବାଇକ୍ ଚାଳକଙ୍କ ଉପଦ୍ରବ ବଢୁଥିବାବେଳେ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଲଗାଇ ରାସ୍ତାରେ ଯାତାୟାତ କରୁଥିବା ଯୁବପିଢିଙ୍କ ବିରୋଧରେ ପୁଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ସହଦେବଖୁଣ୍ଟା ଥାନା ଓ ଟାଉନ୍ ଥାନା ପୁଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ଯାଞ୍ଚ କରାଯାଇଥିଲା।ଏହି ଯାଞ୍ଚ ସମୟରେ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ପାଇପ୍ ଲଗାଇଥିବା



୧୮ଟି ବାଇକ୍‌କୁ ଜବତ କରାଯାଇଥିଲା। ସେଥିସହିତ ସମ୍ପୃକ୍ତ ବାଇକ୍ ଚାଳକଙ୍କଠାରୁ ମୋଟ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସହଦେବଖୁଣ୍ଟା ଥାନା ପୁଲିସ ୯ ଜଣ ବାଇକ୍ ଚାଳକଙ୍କଠାରୁ ୧୮ ହଜାର ଟଙ୍କା ଜରିମାନା ଆଦାୟ କରିଥିବାବେଳେ ଟାଉନ୍ ଥାନା ପୁଲିସ ଅନ୍ୟ ୯ଟି ବାଇକ୍‌ଠାରୁ ୯ ହଜାର ଟଙ୍କା ଜରିମାନା ଆଦାୟ କରିଛି। ସହରରେ ଶବ୍ଦ ପ୍ରଦୂଷଣ ରୋକିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ଏଭଳି ଯାଞ୍ଚ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ଭାବେ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଭୁଲ ଇଞ୍ଜେକ୍ସନ ବୃଦ୍ଧାଙ୍କ ମୃତ୍ୟୁ ଘଟଣା, ବେଫିକର ନକଲି ଡାକ୍ତର

- ଏକ ଲକ୍ଷ ଦେଇ ଘଟଣାକୁ ରଫା ଦଫା କରିବାକୁ ନକଲି ଡାକ୍ତର ଟୁନୁ ବରର୍ତ୍ତୀ ଙ୍କ ଉଦ୍ୟମ
- ସେପଟେ କ୍ୱାକଙ୍କ ସୁରକ୍ଷା କବଚ ସାଜିଛି ମୁରିବାହାଲ ପୋଲିସ
- କ୍ୱାକଙ୍କ ଗିରଫ ଦାବି ନେଇ ମୃତ ପରିବାର ଲୋକଙ୍କ ପ୍ରତିକ୍ରିୟା
- ନକଲି ଡାକ୍ତର ଟୁନୁ କୁ କେବେ ଗିରଫ କରିବ ପୋଲିସ ?





ଏହି ଘଟଣା ଉପରେ ସମାଜ ସେବୀ ଥବିର ଚନ୍ଦ୍ର ବାଗ ଭୁଲ ଇଞ୍ଜେକ୍ସନ ଦେଇ ଯିବନ ନେଇଥିବା ନକଲି ଡାକ୍ତର ଟୁନୁ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

**କଣ୍ଟାବାଞ୍ଜି :** ବିନା ଡାକ୍ତରୀ ପାଠ ପଢ଼ାରେ ଚାଲିଛି ଚିକିତ୍ସା। ନାଁ ଅଛି ଯନ୍ତ୍ରପାତି ନାଁ ଅଛି କାଗଜ ପତ୍ର। ଖୋଲମ ଖୋଲା ରାଜ ରାସ୍ତାରେ ବସି କରୁଛନ୍ତି ରୋଗୀ ଚିକିତ୍ସା।

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା କର୍ଲାପିଟା ଗାଁରେ ଭୁଲ ଇଞ୍ଜେକ୍ସନ ଯୋଗୁ ଯାଇଛି ଏକ ବୃଦ୍ଧାଙ୍କ ଜୀବନ। ସୂଚନା ଅନୁଯାୟୀ ଗତ ଦଶ ତାରିଖ ଦିନ କର୍ଲାପିଟା ଗାଁର କୌଶଲ୍ୟା ପନିକା ଅସୁସ୍ଥତା ଅନୁଭବ କରିଥିଲେ। ତେବେ ତାଙ୍କ ନାତୁଣୀ ଦିବ୍ୟା ପନିକା ହଳଦୀ ସ୍ଥିତ ଏକ କ୍ଲିନିକକୁ ନେଇଥିଲେ। ସେଠାରେ ନକଲି ଡାକ୍ତର ଜଣକ ତାଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। ତେବେ ଇଞ୍ଜେକ୍ସନ ଦେବା ପରେ କୌଶଲ୍ୟା ପନିକା ଛଟ ପଟ ହୋଇ ପଡ଼ିଥିଲେ । ତେବେ ହଠାତ ସେତବେଳେ ତାଙ୍କର ଜୀବନ ଚାଲି ଯାଇଥିଲା । ତେବେ ଜୀବନ ନେଇ ନକଲି ଡାକ୍ତର ଟୁନୁ ବରର୍ତ୍ତୀ ପରିବାର ପାଖକୁ ଏକ ଲକ୍ଷ ଟଙ୍କା ପଠାଇ ରଫା ଦଫା କରିବାକୁ ଉଦ୍ୟମ କରିଥିଲା । ତେବେ ମୃତକଙ୍କ ପରିବାର ଲୋକେ ଜୀବନ ନେଇଥିବା ନକଲି ଡାକ୍ତର ଟୁନୁ ବରର୍ତ୍ତୀ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ଦାବି ନେଇ ମୁହଁ ଖୋଲିଛନ୍ତି। ବଲାଙ୍ଗୀର ସି,ଡ଼ି,ଏମ,ଓ ତଦନ୍ତ ନିର୍ଦ୍ଦେଶ ସତ୍ତ୍ୱେ କର୍ଲାପିଟା ଗାଁକୁ ଯାଇ ପ୍ରଶାସନ ତଦନ୍ତ କରି ସାରିଛି। ହେଲେ ଜୀବନ ନେଇ ଥିବା ନକଲି ଡାକ୍ତର ଟୁନୁ ବରର୍ତ୍ତୀ ଉପରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ। ଘଟଣା ଉପରେ ପୋଲିସ ସବୁ ଜାଣି ଥିଲେ ସୁଦ୍ଧା ହାତ ବାନ୍ଧି ରହି କ୍ୱାକ ଟୁନୁ ବରର୍ତ୍ତୀକୁ ସୁରକ୍ଷା ଦେଇ ଆସୁଥିବା ଅଭିଯୋଗ ହେଉଛି। ତେବେ ହଳଦୀ ଗାଁରେ ବର୍ଷ ବର୍ଷ ଧରି ବେଆଇନ କ୍ଲିନିକ ଖୋଲି ଏମିତି କେତେ ରୋଗୀଙ୍କ ଜୀବନ ନେଇ ଟଙ୍କା ଦେଇ ରଫା ଦଫା କରି ଆସୁଛି ତାହା କ୍ୱାକ ଜଣକ। ମୃତଙ୍କ ଙ୍କ ପରିବାରକୁ ଦେଇଥିବା ଏକ ଲକ୍ଷ ଟଙ୍କାରୁ ହିଁ ସନ୍ଦେହ ପ୍ରକାଶ ହେଉଛି। ତେବେ

# ଧାନ ପଞ୍ଜୀକରଣରେ ଅବ୍ୟବସ୍ଥା : ୫ ହଜାର ଚାଷୀ ବଞ୍ଚିତ

- ମାଗଣା ଫର୍ମ ବଦଳରେ ଟଙ୍କା ଆଦାୟ
- ଦୋଷୀ ଅଧିକାରୀଙ୍କ ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି



**କୋରାପୁଟ :** କୋରାପୁଟ ଜିଲ୍ଲାରେ ଧାନ ପଞ୍ଜିକରଣ ଓ ଧାନ କ୍ରୟ ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ କରିଛନ୍ତି ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ସଦସ୍ୟମାନେ। ସରକାରଙ୍କ ଝଙଚ ଓ ନିର୍ଦ୍ଦେଶାବଳୀ ପାଳନ ନହେବାରୁ ହଜାର ହଜାର ଚାଷୀ ହଇରାଣ ହୋଇଥିବା ସହ ପ୍ରାୟ ୫ ହଜାର ଚାଷୀ ରବି ଋତୁରେ ପଞ୍ଜିକରଣରୁ ବଞ୍ଚିତ ହୋଇଥିବା ଦାବି କରାଯାଇଛି। ବଞ୍ଚିତ ସମସ୍ତ ଚାଷୀଙ୍କୁ ଶୀଘ୍ର ପଞ୍ଜିକରଣରେ ସାମିଲ କରିବାକୁ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଚାଷୀମାନେ ଅନୁରୋଧ କରିଥିଲେ। ବୈଠକରେ ଉପସ୍ଥିତ ଜିଲ୍ଲାପାଳ, ବିଧାୟକ ଓ ଚାଷୀ ପ୍ରତିନିଧିମାନେ ଏହାକୁ ଗୁରୁତ୍ୱର ସହ ନେଇ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଅବଗତ କରାଇବାକୁ ନିଷ୍ପତ୍ତି ନେଇଥିଲେ। ବାଦ ପଡ଼ିଥିବା ଚାଷୀମାନଙ୍କ ପଞ୍ଜିକରଣ କିପରି ସୁନିଶ୍ଚିତ କରାଯିବ, ସେନେଇ ବ୍ୟବସ୍ଥା କରାଯିବାକୁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ମାର୍ଚ୍ଚ ୧୦ ତାରିଖରୁ ପଞ୍ଜୀକରଣ ଆରମ୍ଭ ହେବାକୁ ଥିଲେ ମଧ୍ୟ ସମୟରେ ପ୍ରକ୍ରିୟା ଆରମ୍ଭ ହୋଇନଥିଲା। ଅନେକ ପିପିସି କେନ୍ଦ୍ରରେ ପଞ୍ଜୀକରଣ ବ୍ୟବସ୍ଥା ନଥିବାରୁ ଚାଷୀମାନେ ଲେମ୍ପସ୍ କାର୍ଯ୍ୟାଳୟକୁ ଯାଇ ପଞ୍ଜୀକରଣ କରିବାକୁ ବାଧ୍ୟ ହୋଇଥିଲେ। ଏଥିପାଇଁ ୫ରୁ ୧୫ କିଲୋମିଟର ଦୂର ଯାଇ ଗରମ ଓ ଭିଡ଼ ମଧ୍ୟରେ ଚାଷୀମାନେ ବହୁ ହଇରାଣ ହୋଇଥିବା କୁହାଯାଇଛି। ପଞ୍ଜୀକରଣ ଫର୍ମ ମାଗଣାରେ ମିଳୁନଥିବା ସହ ସହାୟତା କେନ୍ଦ୍ର ନଥିବାରୁ ଅନେକ ଗରିବ ଚାଷୀ ବାହାରେ ଟଙ୍କା ଦେଇ ଫର୍ମ ପୂରଣ କରିଥିବା ଅଭିଯୋଗ ହୋଇଛି। ବୟୋଜ୍ୟେଷ୍ଠ, ମହିଳା ଓ ଭିନ୍ନକ୍ଷମ ଚାଷୀଙ୍କ ପାଇଁ ମଧ୍ୟ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା କୁହାଯାଇଛି। ଏହାସହ ପୂର୍ବବର୍ଷ ଧାନ କ୍ରୟ କାର୍ଯ୍ୟ ସୁଚାରୁ ଭାବେ କରୁଥିବା ଝୈଏ ମାନଙ୍କୁ ଏବର୍ଷ ଦାୟିତ୍ୱରୁ ବାଦ ଦିଆଯାଇଥିବାରୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହୋଇଥିବା ଚାଷୀମାନେ କହିଛନ୍ତି। ସେମାନେ ପୁଣିଥରେ ଝୈଏ ମାନଙ୍କୁ ଧାନ କ୍ରୟ ଦାୟିତ୍ୱ ଦେବା ସହ ଦୋଷୀ ଅଧିକାରୀଙ୍କ ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଅବକାଶ ସାହୁ ନିର୍ମାଣ ଶ୍ରମିକ ସଙ୍ଘ ରାଜ୍ୟ ଉପସଭାପତି

**ବୌଦ୍ଧ :** ଏଆଇଟିୟୁସି ସହବନ୍ଧିତ ଓଡିଶା ଫରେଷ୍ଟ ଉଡ଼ ଏଗ୍ରୀକଲଚର ଏବଂ ବିଲଡିଂ କନଷ୍ଟ୍ରକ୍ସନ ୱାର୍କର୍ସ ୟୁନିଅନର ଦୁଇଦିନିବ୍ୟାପୀ ଚାଲିଥିବା ନବମ ରାଜ୍ୟ ସମ୍ମିଳନୀ ଆଜି ପୁରୀସ୍ଥ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ସମ୍ମିଳନୀ ରେ ସମଗ୍ର ରାଜ୍ୟର ଦୁଇଶହ ରୁ ଉର୍ଦ୍ଧ ପ୍ରତିନିଧି ନିର୍ମାଣ ଶ୍ରମିକଙ୍କ ବହୁ ବିଦ୍ଧି ସମସ୍ୟା ଯଥା ଦୀର୍ଗଦିନ ଧରି ଅଘୋଷିତ ଭାବେ ନିର୍ମାଣ ଶ୍ରମିକଙ୍କୁ ପ୍ରଦାନ କରାଯାଉଥିବା ଗୃହ ସାଇକେଲ ଯନ୍ତ୍ରପାତି ଏଭଳିକି ଶିକ୍ଷା ସହାୟତା ପ୍ରଦାନ କ୍ଷେତ୍ରରେ କରାଯାଉଥିବା ଟାଳ ଟୁଳ ନୀତି ବିରୁଦ୍ଧରେ ରାଜ୍ୟବ୍ୟାପୀ ଦୃଢ ଆନ୍ଦୋଳନ ଗଢିତୋଳିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପରିଶେଷରେ ୪୧ ନବ ଗଠିତ ଜଣିଆ ରାଜ୍ୟକମିଟିରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପ୍ରବୀଣ କୁମାର ଦାସ ସାଧାରଣସମ୍ପାଦକ ଏବଂ ବୌଦ୍ଧ ଜିଲ୍ଲାର ବିଶିଷ୍ଟ ଶ୍ରମିକ ନେତା ଅବକାଶ ସାହୁ ଏବଂ ସୋମନାଥ ଗିରି ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ କୋଷକ୍ଷଧକ୍ଷ ଭାବେ ଦେବାଶିଷ ବାବୁ ନିର୍ବାଚିତ ହୋଇଛନ୍ତି ।




## ନାବାଳକକୁ ହେଲପର ରଖିବା ପଡ଼ିଲା ମାହାଙ୍ଗା

# ଯୋଗେନ୍ଦ୍ର ବେହେରା ଓ ତାଙ୍କ ପୁଅ ନାମରେ ମାମଲା ରୁଜୁ



**ହାଟଡିହି :** ବାଲି ବୋଝେଇ ହାଇୱା ରେ ପାଲ ଢାଙ୍କୁଥିବା ବେଳେ ଜଣେ ନାବାଳକ ୧୧ କେ.ଭି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ଗୋଟିଏ ହାତ ହରାଇଛନ୍ତି । ଏହି ଘଟଣାରେ ପୀଡ଼ିତଙ୍କ ମା ନନ୍ଦିପଦା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ନାବାଳକ ଜଣଙ୍କ ରାତିରେ ନିଜ ଘରେ ଶୋଇଥିବା ବେଳେ ତାଙ୍କୁ ଫୋନ କରି ଡ଼ାକିବା ସହ ଏଭଳି ବିପଦଜନକ କାର୍ଯ୍ୟରେ ନିୟୋଜିତ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁଲିସ କୁ ନିବେଦନ କରିଛନ୍ତି । ସୂଚନା ଅନୁଯାଇ କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ସଦାନନ୍ଦ ସାହୁଙ୍କ ପୁଅ ସୋମ୍ୟଜିତ ସାହୁ (୧୪) ଗତ ମାର୍ଚ୍ଚ ମାସ ୧୧ ତାରିଖ ରେ ହାବଳେଶ୍ୱର ହାଇସ୍କୁଲ୍ ନିକଟରେ ଏକ ବାଲି ବୋଝେଇ ହାଇୱା ଟ୍ରକରେ (ଓଡି- ୦୯ପି-୭୭୪୪) ପାଲ ଢାଙ୍କୁଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ଘଟଣା ସମ୍ପର୍କରେ ଖବର ପାଇ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସୋମ୍ୟଜିତଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଅବସ୍ଥା ଅଧିକ ଗମ୍ଭୀର ହେବାରୁ ପରେ ଉନ୍ନତ ଚିକିତ୍ସା ପାଇଁ ପରିବାର ଲୋକ ସୋମ୍ୟଜିତଙ୍କୁ ଭୁବନେଶ୍ୱର ସମ୍ ହସ୍ପିଟାଲ ରେ ଚିକିତ୍ସା କରାଇଥିଲେ । ନାବାଳକଙ୍କ ଡାହାଣ ହାତଟି ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ହାତଟିକୁ କାଟିବା ସହ ଡାକ୍ତରଖାନା ରେ ଦୀର୍ଘ ୪୦ ଦିନ ପରେ ଘରକୁ ଫେରିଛନ୍ତି । ନାବାଳକଙ୍କୁ ରାତିରେ ଏଭଳି କାର୍ଯ୍ୟରେ ନିୟୋଜିତ କରିଥିବା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ଯୋଗେନ୍ଦ୍ର ବେହେରା ଓ ତାଙ୍କ ପୁଅ ସୁଭାଶିଷ ବେହେରାଙ୍କ ବିରୁଦ୍ଧରେ ନାବାଳକ ର ମା ସୌଦାମିନୀ ସାହୁ ୧୩.୦୫.୨୦୨୬ ରିଖ ରେ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୌଦାମିନୀଙ୍କ ଅଭିଯୋଗ ଅନୁଯାଇ ତାଙ୍କ ଅଜାଣତରେ ଯୋଗେନ୍ଦ୍ରଙ୍କ ସାନପୁଅ ସୁଭାଶିଷ ଘଟଣା ଦିନ ନିଜ ମୋବାଇଲ (ନଂ- ୭୮୪୮୮୯୩୨୯୯) ରୁ ସୋମ୍ୟଜିତ କୁ ଫୋନ କରିବା ସହ ଟଙ୍କାର ପ୍ରଲୋଭନ ଦେଖାଇ ଗାଡିର ହେଲପର ହିସାବରେ ଡାକଣେଇଥିଲେ । ସୌଦାମିନୀଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସ୍ୱାମୀ ଏକ ଗାଡି ଗ୍ୟାରେଜ କରି ପରିବାର ପ୍ରତିପୋଷଣ କରନ୍ତି । ଡାକରାଖାନାରେ ପୁଅର ଚିକିତ୍ସା ଆୟୁଷ୍ମାନ କାର୍ଡ ରେ ହୋଇଥିବାବେଳେ ତାଙ୍କ ହାତରୁ ୩ ଲକ୍ଷରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି । ସୋମ୍ୟଜିତ ଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ଅର୍ଥ ଯୋଗେନ୍ଦ୍ର ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିବା ବେଳେ ମାତ୍ର ଏପର୍ଯ୍ୟନ୍ତ ମାତ୍ର ୬୦ ହଜାର ଟଙ୍କା ଦେଇଛନ୍ତି । ପୁଅର ହାତ ଲଗାଇବାପାଇଁ ୧୭ ଲକ୍ଷ ଟଙ୍କା ଆବଶ୍ୟକ ହେଉଥିବା ବେଳେ ଯୋଗେନ୍ଦ୍ର ଏବଂ ତାଙ୍କ ପୁଅ ସୁଭାଶିଷ ଆଉ ସହଯୋଗ କରୁନଥିବା ସୌଦାମିନୀ ଅଭିଯୋଗ କରିଛନ୍ତି । ପୁଅର ଚିକିତ୍ସା ପାଇଁ ଟଙ୍କା ମାଗିବାରୁ ଯୋଗେନ୍ଦ୍ର ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଉଥିବା ନିଜ ଅଭିଯୋଗରେ ଦର୍ଶାଇଛନ୍ତି । ସୌଦାମିନୀଙ୍କ ଲିଖିତ ଅଭିଯୋଗ ଆଧାରରେ ନନ୍ଦିପଦା ଥାନା ପୁଲିସ ଅଭିଯୁକ୍ତ ଯୋଗେନ୍ଦ୍ର ଓ ତାଙ୍କ ପୁଅ ଶୁଭାଶିଷଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୫ (ଖ), ୩୫୧(୨), ୩(୫) ଓ ଶିଶୁ ଏବଂ କିଶୋର ଶ୍ରମ (ନିଷେଧ ଏବଂ ନିୟନ୍ତ୍ରଣ) ଆଇନ, ୧୯୮୬ ର ଧାରା ୧୪(୧) ରେ ଏକ ମାମଲା (ନଂ - ୨୦୬/୨୦୨୬) ରୁଜୁ କରିଥିବା ଜଣାପଡିଛି । ଜଣେ ୧୪ ବର୍ଷୀୟ ନାବାଳକଙ୍କୁ ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ଲଗାଇଥିବାଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କଂଗ୍ରେସ ପକ୍ଷରୁ ୩୩% ମହିଳା ସରଂକ୍ଷଣ ଆଇନ ଲାଗୁ କରିବା ଦାବିରେ ମଶାଲ ଶୋଭାଯାତ୍ରା

**କୋଟପାଡ଼ :** ଆଜି କୋଟପାଡ଼ କଂଗ୍ରେସ କାର୍ଯ୍ୟାଳୟ ଠାରେ କୋଟପାଡ଼ କଂଗ୍ରେସ ପକ୍ଷରୁ ୩୩% ମହିଳା ସରଂକ୍ଷଣ ଆଇନ ଲାଗୁ କରିବା ଦାବିରେ ମଶାଲ ଶୋଭାଯାତ୍ରା କରାଯାଇଥିଲା, କୋଟପାଡ଼ ଅଞ୍ଚଳର ଟାଉନ କଂଗ୍ରେସ ସଭାପତି ମଣି ପ୍ରସାଦ ପଟ୍ଟନାୟକ,କୋଟପାଡ଼ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମୁ ଦିଆନଙ୍କ ନିର୍ଦ୍ଦେଶ କ୍ରମେ ହଜାର ହଜାର ମହିଳା ସମାବେଶରେ କୋଟପାଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ମହିଳାମାନେ ଉପସ୍ଥିତ ରହି ନିଜର ହୋକ ପାଇଁ ରାଜ ରାସ୍ତାରେ ଓଲ୍ଲୁହି ଥିଲେ,ଆଜି କାର୍ଯ୍ୟକ୍ରମ ପ୍ରାରମ୍ଭରେ କୋଟପାଡ଼ କଂଗ୍ରେସ ଅଫିସ ଠାରୁ ବାହାରି ମଶାଲ ରାଲି ସହିତ ଗାନ୍ଧୀଛକ



ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିବାର ଦେଖିବାକୁ ମିଳିଥିଲା,ଆଜିର ଏହି ଶୋଭାଯାତ୍ରାରେ କଂଗ୍ରେସ ମହିଳା ମୋର୍ଚ୍ଚାର ମୀରା ଚଲାଣ,କୁସୁମି ସରପଞ୍ଚ ସନମତି ଗାଦବା,ସମିତି ସଭ୍ୟ ଜାନକୀ ଭତରା,୮ ନଂ ୱାର୍ଡ ମେମ୍ବର ସଲମା ବେଗମ,ଲେମ୍ପସ ସଭାପତି କମଳା ଭତରା,କୋଟପାଡ଼ ଏନ ଏ ସି ଅଧକ୍ଷ ଏମ ଶଙ୍କର ରାଓ,କୋଟପାଡ଼ ବିଧାନସଭା ଅବଜେର୍ବ ସତ୍ୟ ମହାନ୍ତି,ବରିଷ୍ଠ କଂଗ୍ରେସ ନେତା ଜିତେନ୍ଦ୍ର ମହାପାତ୍ର,ମନୋହର ବିଶୋଇ,ବ୍ଲକ ସଭାପତି ଘନଶ୍ୟାମ ବିଶୋଇ,ଶଙ୍କର ପଣ୍ଡା,ବୁଲୁ ବ୍ରହ୍ମା,ସନ୍ତୋଷ ମିଶ୍ର,ମୁନା ଖାନ,ନବୀନ ବିଶୋଇ, ୱାର୍ଡମେମ୍ବର ସୟଦ ୟୁସୁଫ,ଟିକୁ ବିଶୋଇ,ଯେ ବାନାର୍ଜୀ ରାଓ,ଏମ ଡ଼ି ସଫସେଲ,ଏମ ଡ଼ି କାଲୁ,ପୁରନନାୟକ ପ୍ରମୁଖ ଉପସ୍ଥିତ ଥିଲେ, ବିଶେଷ କରି କୋଟପାଡ଼ ନିର୍ବାଚନ ମଣ୍ଡଳୀର ୱାର୍ଡ ମେମ୍ବର,ସରପଞ୍ଚ ଓ ସମିତିସଭ୍ୟ, ସଭ୍ୟାମାନେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା,ଆଜିର ଏହି ମଶାଲ ଶୋଭାଯାତ୍ରାରେ କୋଟପାଡ଼ କଂଗ୍ରେସର ହଜାର ହଜାର ମହିଳା କର୍ମୀ ମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରା ସହିତ କଂଗ୍ରେସ ଦଳର ଜୟଗାନ କରି ବିକ୍ଷୋଭ କରିଥିବାର ଦେଖିବାକୁ ମିଳିଥିଲା।

## ପଞ୍ଚବଟୀ ଶ୍ରୀରାମ ମନ୍ଦିରରେ ନବଦିନିଆ ଧାର୍ମିକ ମହୋତ୍ସବର ପରିସମାପ୍ତି

# ସାବିତ୍ରୀ ଅମାବାସ୍ୟାରେ ପୂର୍ଣ୍ଣାହୁତି, ବିଶ୍ୱଶାନ୍ତି ପାଇଁ ହେଲା ମହାଯଜ୍ଞ

**ଫୁଲନଖରା :** ପାହାଳ ଥାନା ଅନ୍ତର୍ଗତ ଫୁଲନଖରା–ନିଆଳି ମୁଖ୍ୟ ସଡ଼କର ପଞ୍ଚବଟୀ ବଜାର ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ବଟେଶ୍ୱର ମହାଦେବଙ୍କ ପବିତ୍ର ପୀଠସ୍ଥଳୀରେ ଥିବା ଶ୍ରୀରାମ ମନ୍ଦିର ପରିସରରେ ନଅ ଦିନ ବ୍ୟାପୀ ଶ୍ରୀ ରାମଚରିତମାନସ ନବାହ୍ନ ପାରାୟଣ ପାଠ ଓ ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତିପୂର୍ଣ୍ଣ ପରିବେଶରେ ଗତ ୧୬ ତାରିଖରେ ସଫଳତାର ସହ ସମାପ୍ତ ହୋଇଛି। ଏହି ଧାର୍ମିକ ଆୟୋଜନରେ ପ୍ରତିଦିନ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଗତ ୮ ତାରିଖରେ ବେଦିକ ମନ୍ତ୍ରୋଚ୍ଚାରଣ ଓ ଅଙ୍କୁରାରୋପଣ ସହିତ ଏହି ମହାନ ଧାର୍ମିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅ ଦିନ ଧରି ଶ୍ରୀ ରାମଚରିତମାନସର ଗମ୍ଭୀର ପାଠ, ନାମ ସଂକୀର୍ତ୍ତନ, ଭଜନ ଓ ଯଜ୍ଞାଦି ଅନୁଷ୍ଠିତ ହୋଇଥିଲା। ୧୬ ତାରିଖ ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ପୂର୍ଣ୍ଣାହୁତି ସହିତ ମହାଯଜ୍ଞର ସମାପନ ହୋଇଥିଲା। ସେହି ସନ୍ଧ୍ୟାରେ ବାଜା, ଶଙ୍ଖଧ୍ୱନି ଓ ହୁଳହୁଳିରେ ସମଗ୍ର ପୀଠ ଭକ୍ତିରସରେ ମୁଖରିତ ହୋଇଉଠିଥିଲା। ପୁରୀର ରାମହୟାଲ ମଠର ପୂଜ୍ୟସ୍ପଦ ଶ୍ରୀ ଶ୍ରୀ ସନ୍ଥ ହରିଚରଣ ଦାସ ମହାରାଜ ମୁଖ୍ୟ ବ୍ୟାସ ଭାବେ ଉପସ୍ଥିତ ରହି ଶ୍ରୀରାମଚରିତମାନସର ଆଧ୍ୟାତ୍ମିକ ମହିମା ଉପରେ ଅତ୍ୟନ୍ତ ସୁମଧୁର ଆଲୋଚନା କରିଥିଲେ। ପୁରୀ ବଡ଼ ଆଖଡ଼ା ମଠର ସନ୍ଥ ଶ୍ରୀ ଶ୍ରୀ ହନୁମାନ ଦାସ ମହାରାଜ ଏବଂ ପଣ୍ଡିତ ବ୍ରହ୍ମାନନ୍ଦ ହୋତାଶ୍ରମା ଯଜ୍ଞକାର୍ଯ୍ୟକୁ ବେଦିକ ବିଧିବିଧାନ ଅନୁଯାୟୀ ସଫଳତାର ସହ ପରିଚାଳନା କରିଥିଲେ। ଏହି ମହାଧାର୍ମିକ ଆୟୋଜନରେ ପ୍ରଦୀପ କୁମାର ବେହେରା କର୍ତ୍ତା ଭାବେ ମୁଖ୍ୟ ଦାୟିତ୍ୱ ନିଭାଇଥିଲେ। ବରିଷ୍ଠ ନାଗରିକ ବାଳକୃଷ୍ଣ ବେହେରା ଓ ନୀଳିମା ବେହେରା ମୁଖ୍ୟ ପୃଷ୍ଠପୋଷକ ଭାବେ ସମଗ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ଅନବଦ୍ୟ ଭୂମିକା ଗ୍ରହଣ କରିଥିଲେ। ଡା. ଭିକାରୀ ଚରଣ ସାହୁ, ଲକ୍ଷ୍ମୀଧର ପାତ୍ର, କାହ୍ନୁଚରଣ ମହାପାତ୍ର, ତ୍ରିନାଥ ଭାଇନା, ମୁରଲୀଧର ପଣ୍ଡା, ବୀରେନ ଖଟୁଆ, ରମେଶଚନ୍ଦ୍ର ସାହୁ, ବିଭୁଦତ୍ତ ମହାପାତ୍ର, ଉମାକାନ୍ତ ବେହେରା, କେଳୁଚରଣ ଖୁଣ୍ଟିଆ, ସୁରେନ୍ଦ୍ର ଛୋଟରାୟ ଓ ମାଗୁଣି ଚରଣ ସାହୁ ପ୍ରମୁଖଙ୍କ ନିଷ୍ଠାପୂର୍ଣ୍ଣ ସହଯୋଗରେ ସମଗ୍ର ଆୟୋଜନ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ପୂର୍ଣ୍ଣାହୁତି ଦିନ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଯଜ୍ଞରେ ଅଂଶଗ୍ରହଣ କରିବା ସହିତ ମହାପ୍ରସାଦ ସେବନ କରିଥିଲେ। ଏହି ଅବସରରେ ଭକ୍ତମାନଙ୍କ ମନରେ ଆଧ୍ୟାତ୍ମିକ ଉତ୍ସାହ ଓ ଭକ୍ତିଭାବର ଅଦ୍ଭୁତ ପରିବେଶ ସୃଷ୍ଟି ହୋଇଥିଲା। ପରେ ସାମ୍ବାଦିକ ଲଳିତ କୁମାର ଦାଶଙ୍କ ଅଧକ୍ଷତାରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶ୍ରୀ ଶ୍ରୀ ସନ୍ଥ ହରିଚରଣ ଦାସ, ପଣ୍ଡିତ ରବିନାରାୟଣ, ବିଶିଷ୍ଟ ସାହିତ୍ୟିକ ଓ କଥାକାର ପ୍ରବୀର କୁମାର ମହାନ୍ତି, ଆଇନଜୀବୀ-କବି ନାରାୟଣ ଜେନା, ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ପାଲା ଗାୟକ ଯୁଧିଷ୍ଠିର ପରିଜା, ସନାତନ ପରିଜା ଓ ମୁରଲୀଧର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାମଚରିତମାନସର ମାନବଜୀବନରେ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ବାଳକୃଷ୍ଣ ବେହେରାଙ୍କ ସ୍ୱଲିଖିତ ଆଧ୍ୟାତ୍ମିକ ପତ୍ରିକାକୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ।



Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati